## ସଂକ୍ଷେପରେ

### ଡ. ଅଚ୍ୟୁତ ସାମନ୍ତଙ୍କୁ 'ଶିରୋମଣୀ ସମ୍ମାନ'

ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ): କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ୍ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ମିଳିଥିବାରୁ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ହାଲି ଡ. ସାମନ୍ତଙ୍କୁ 'ଶିରୋମଣୀ ସମ୍ମାନ'ରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଅଶୋକ ପାଣ୍ଡେ, ଯୁବନେତା ଡ. ତନ୍ମୟ ସ୍ୱାଇଁ ଏବଂ ମୀନକେତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ ଲିଟର ଦେଶୀ ମଦ ଜବତ, ଯୁବକ ଗିରଫ

ବାଲକାଟୀ,୧୦।୭(ମନୋଜ ମଣ୍ଡଳ): ବାଲକାଟୀ ଫାଣ୍ଡି ଅନ୍ତର୍ଗତ ବସନ୍ତପେଡି ପୁରୀ ମୁଖ୍ୟ କେନାଲ କଡ଼ରେ ଥିବା ଏକ ଦୋକାନ ଉପରେ ଚଢ଼ାଉ କରି ବାଲିଅନ୍ତା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ମଦ ବେପାରୀ ସୋମନାଥ ରାଉତ (୪୨)। ପୋଲିସ ତାଙ୍କଠାରୁ ୩୦ ଲିଟର ମଦ ଜବତ କରିଛି। ଏ ସଂକ୍ରାନ୍ତରେ ପୋଲିସ ୨୫୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୋମନାଥ ସ୍ଥାନୀୟ ଅଞ୍ଚଳର ଜଣେ ପେସାଦାର ଚୋରା ମଦ ବେପାରୀ ବୋଲି ଜଣାପଡ଼ିଛି।

### ନିକୋପାର୍କ, ଏଜି କଲୋନୀରୁ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର,୧୦।୭ (ବନ୍ଦନା ସେଠୀ): ଖାରବେଳ ଥାନା ଅନ୍ତର୍ଗତ ୟୁନିଟ-୪ ଓ ନିକୋପାର୍କ ଅଞ୍ଚଳରୁ ସୋମବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ୟୁନିଟ-୪ସ୍ଥିତ ପୁରୁଣା ଏଜି କଲୋନୀର ନବୀକରଣ ଓ ଡ୍ରେନ ନମ୍ବର ୧୦ ପାର୍ଶ୍ୱରେ ଉନ୍ନତୀକରଣ ପାଇଁ ଏହି ଜବରଦଖଲ ଉଠାଯାଇଛି। ଏଜିର ଡିଏଜି (ଆଡମିନ) ନୋଡାଲ ଅଫିସରଙ୍କ ରିକ୍ୟୁଜିସନକ୍ରମେ ୟୁନିଟ-୪ସ୍ଥିତ ପୁରୁଣା ଏଜି କଲୋନୀର ମରାମତି ଓ ନବୀକରଣ ଲାଗି ବିଡିଏ ପକ୍ଷରୁ ଏଠାରେ ଉଚ୍ଛେଦ କରାଯାଇଥିଲା। ଏହି କ୍ରମରେ ୫ଟି କ୍ୟାବିନ, ୭ଟି ମାଂସ ଦୋକାନ, ଗୋଟିଏ ପରିବା ଦୋକାନ ଓ ଗୋଟିଏ ଆଜବେଷ୍ଟସ ଘର ଭଙ୍ଗାଯାଇଥିଲା। ସେହିପରି ଦ୍ୱିତୀୟ ଉଚ୍ଛେଦରେ ନିକୋପାର୍କ ପାର୍ଶ୍ୱ ଓ ଏହାର ଆଖପାଖ ଅଞ୍ଚଳରେ ହେବାକୁ ଥିବା ଉନ୍ନତିକରଣ ପାଇଁ ଉଚ୍ଛେଦ ହୋଇଥିଲା। ବିଏମ୍‌ସି ଦ୍ୱାରା ମୁକ୍ତା ଯୋଜନା ଅନ୍ତର୍ଗତ ଡ୍ରେନ ନମ୍ବର ୧୦ ଓ ଲେକ ଜୋନ-୧ରେ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିରେ ୨୦ଟି ଆଜବେଷ୍ଟସ ଘର, ଗୋଟିଏ ପାଣିଟାଙ୍କି, ୩ଟି ଶୌଚାଳୟ, ଗୋଟିଏ ଟିଣଶେଡ ଓ ବିଡିଏ ନିକୋ ପାର୍କ ଅଞ୍ଚଳର ୨୦ ଫୁଟ ଲମ୍ବର ପାଚେରି ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

# ୭୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ମହିଳା ସମେତ ୫ ଗିରଫ

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ବାରଙ୍ଗ, ୧୦।୭ (ଲିଙ୍ଗରାଜ ରାଉତ)



ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଚୋରା ନିଶା ବେପାରୀଙ୍କ କାରବାର ବଢ଼ିବାରେ ଲାଗିଛି। ଏହି କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ସ୍ଥାନୀୟ ଅବକାରୀ ଟିମ ସୋମବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି। ମଞ୍ଚେଶ୍ୱର, ନନ୍ଦନକାନନ ଓ ଭରତପୁର ଅଞ୍ଚଳରୁ ୨ଜଣ ମହିଳାଙ୍କ ସମେତ ମୋଟ ୫ ଜଣଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ୪ଜଣ ନିଶାବେପାରୀଙ୍କୁ ଗିରଫ କରିଥିବାବେଳେ ସ୍ଥାନୀୟ ଅବକାରୀ ଟିମ୍ ଜଣଙ୍କୁ ଧରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣିର ଉଷାରାଣୀ ସାହୁ ଓ ଆଖଣ୍ଡଳମଣି ବସ୍ତିର ସୁନିତା ପାତ୍ର, ଭରତପୁର ଅଞ୍ଚଳର ଆକାଶ ସାସ ଓ ରାହୁଲ ମହାପାତ୍ର ଏବଂ ଅନ୍ୟଜଣେ ହେଲେ ନନ୍ଦନକାନନ ଅଞ୍ଚଳର ସେକ୍ ରାଜୁ। ସମସ୍ତ ଅଭିଯୁକ୍ତଙ୍କଠାରୁ ମୋଟ ୫୭୨ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭୮ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ପୃଥକ ପୃଥକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାସହ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଅବକାରୀ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଟାୱାରରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ, ଦେହରେ ଲାଗିଲା ନିଆଁ

ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ)



ମୈତ୍ରୀ ବିହାର ଥାନା ହାତୀଆଶୁଣୀ ଛକ ନିକଟରେ ଥିବା ୩୩ କେଭି ବିଦ୍ୟୁତ୍ ଟାୱାରରେ ଚଢ଼ି ଜଣେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମବେଳେ ବିଦ୍ୟୁତ୍ ଆଘାତ ଲାଗି ତାଙ୍କ ଦେହ ପୋଡ଼ିଯାଇଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ମେଡିକାଲକୁ ନିଆଯାଇଛି। ସୂଚନା ମୁତାବକ, ସୋମବାର ଜଣେ ଯୁବକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ୩୩ କେଭି ବିଦ୍ୟୁତ୍ ଟାୱାରରେ ଚଢ଼ିଥିଲେ। ଏହି ସମୟରେ ବିଦ୍ୟୁତ୍ ଆଘାତ ଲାଗିବାରୁ ତାଙ୍କ ଶରୀର ପୋଡ଼ି ଯାଇଥିଲା। ଯୁବକଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିବା ସମୟରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହୋଇଥିଲା। ଏହାପରେ ଯୁବକ ଜଣଙ୍କ ଟାୱାରରୁ ତଳକୁ ଖସିପଡ଼ିଥିଲେ। ଖବରପାଇ ଦମକଳ ବାହିନୀ ଓ ମୈତ୍ରୀବିହାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଳନ୍ତା ଅବସ୍ଥାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା।

# ଚୋରି ମାମଲାରେ ନାବାଳକ ସମେତ ୬ ଧରାପଡ଼ିଲେ

## ବହୁ ସାମଗ୍ରୀ ଜବତ

ଭୁବନେଶ୍ୱର,୧୦।୭ (ସୂର୍ଯ୍ୟକାନ୍ତ ବେହେରା)



ଦୀର୍ଘଦିନ ଧରି ବନ୍ଦ ରହିଥିବା ଏକ ଅଫିସ ଘରର ଝରକା ତାଡି ଚୋରି ମାମଲାର ପର୍ଦ୍ଦାଫାଶ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଏମାନଙ୍କ ମଧ୍ୟରୁ ୩ଜଣ ନାବାଳକ ଥିବା ଜଣାପଡିଛି। ତେବେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ଗିରଫ ୩ ଅଭିଯୁକ୍ତ ହେଲେ ବିହାରର ସୁବୋଧ କୁମାର ଦାସ, ଧଉଳି ଅଞ୍ଚଳର ରାହୁଲ ଭୋଇ ଓ ସ୍ଥାନୀୟ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଅଜୁ ଦାସ। ଏମାନଙ୍କ ହେପାଜତରୁ ୩ ଟିଭି, ଗୋଟିଏ ବାଇକ୍, ୨ କମ୍ପ୍ୟୁଟର ମନିଟର ସହ ବହୁ ଇଲେକ୍ଟ୍ରୋନିକ୍ସ ଜିନିଷ ଜବତ ହୋଇଛି। ସୂଚନାନୁସାରେ, ଗତ ୧୮ ତାରିଖ ରାତିରେ ସ୍ଥାନୀୟ ଥାନା ଅନ୍ତର୍ଗତ ଜୟଦୁର୍ଗା ନଗର ଅଞ୍ଚଳରେ ଥିବା ଏକ ଅଫିସ ଘରୁ ଧରାପଡିଥିବା ୬ ଅଭିଯୁକ୍ତ ଘରର ଝରକା ତାଡି କମ୍ପ୍ୟୁଟର, ସିସିଟିଭି ସମେତ ବହୁ ମୂଲ୍ୟବାନ ଜିନିଷ ନେଇଯାଇଥିଲେ। ଏନେଇ ଅଫିସ୍‌ର କର୍ମଚାରୀ ଗୌତମ ଦାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

## ପୂର୍ବତନ ଅଗ୍ନିଶମ ଅଧିକାରୀଙ୍କୁ ୩ବର୍ଷ ଜେଲଦଣ୍ଡ

### ଲାଞ୍ଚ କାରବାର ମାମଲାର ରାୟ

ଭୁବନେଶ୍ୱର,୧୦।୭ (ସୂର୍ଯ୍ୟକାନ୍ତ ବେହେରା)

ଖୋର୍ଦ୍ଧା ଜିଲା ବେଗୁନିଆ ଅଗ୍ନିଶମ କେନ୍ଦ୍ରର ପୂର୍ବତନ ଅଧିକାରୀ ବ୍ରଜବନ୍ଧୁ ସେଠୀଙ୍କୁ ଏକ ଲାଞ୍ଚ କାରବାର ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ଏହି ମାମଲାର ତଦନ୍ତ ତତ୍କାଳୀନ ନିରୀକ୍ଷକ ଲଳିତା ପରିଡା କରୁଥିଲାବେଳେ ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ ସ୍ୱାଇଁ ଏହାର ପରିଚାଳନା କରୁଥିଲେ। ଅପରପକ୍ଷେ ବ୍ରଜବନ୍ଧୁ ପାଉଥିବା ପେନସନ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିଶ୍ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ବ୍ୟାଙ୍କ ଋଣ କରି ଏକ ଟ୍ରାକ୍ଟର କିଣିଥିଲେ। ୨୦୧୩ରେ ଟ୍ରାକ୍ଟରଟି ପୋଡ଼ିଯାଇଥିଲା। କ୍ଷତିପୂରଣ ଲାଗି ସମ୍ପୃକ୍ତ ବ୍ୟକ୍ତି ଆବେଦନ କରିବାକୁ ଅଗ୍ନିଶମ ବିଭାଗର ରିପୋର୍ଟରେ ଆବଶ୍ୟକତା ଥିଲା। କ୍ଷୟକ୍ଷତି ସମ୍ପର୍କିତ ବିବରଣୀ ଦେବାକୁ ତତ୍କାଳୀନ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବ୍ରଜବନ୍ଧୁ ସେଠୀ ଅର୍ଥ ଦାବି କରିଥିଲେ। ଏନେଇ ସମ୍ପୃକ୍ତ ଆବେଦନକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସେଠୀ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା।

# ପୁଣି ମହିଳା ଥାନାରେ ଏତଲା ଦେଲେ ବିଜେଡି ନେତ୍ରୀ ସଞ୍ଜୁକ୍ତା

## ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସୁରକ୍ଷା ମାଗିଲେ

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲା ସୋମବାର ପୁଣି ଭୁବନେଶ୍ୱର ମହିଳା ଥାନାର ଏତଲା ଦେଇଛନ୍ତି। ପୂର୍ବତନ ଶ୍ରମମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣ ଦେଇଥିବା ଓ ଏବେ ଧମକ ଦେଉଥିବା ସେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ସଞ୍ଜୁକ୍ତା ପୋଲିସ କମିଶନରଙ୍କ ମଧ୍ୟ ଦ୍ୱାରସ୍ଥ ହୋଇ ସୁରକ୍ଷା ମାଗିଛନ୍ତି। ଏହା ପୂର୍ବରୁ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ମଧ୍ୟ ସଞ୍ଜୁକ୍ତା ମହିଳା ଥାନାକୁ ଯାଇ ପୂର୍ବତନ ଶ୍ରମ ମନ୍ତ୍ରୀଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତେବେ ଏହି ଅଭିଯୋଗର ତଥ୍ୟରେ ତାଳମେଳ ନ ଥିବା ନେଇ ସେତେବେଳେ ପୋଲିସ ପକ୍ଷରୁ କୁହାଯାଇଥିଲା। ଏବେ ପୁଣି ଥରେ ସଞ୍ଜୁକ୍ତା ଥାନାରେ ଏତଲା ଦେବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏନେଇ ସଞ୍ଜୁକ୍ତା ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଏତଲା ଦେବାର ୩ ମାସ ଅପେକ୍ଷା କରିବା ପରେ ପୁଣି ଥାନାର ଦ୍ୱାରସ୍ଥ ହୋଇଛି। ଶ୍ରୀକାନ୍ତ ତାଙ୍କ ସହ ଦୀର୍ଘ ୯ ବର୍ଷ ସମ୍ପର୍କ ରଖି ବିଭିନ୍ନ ପ୍ରକାର ମାନସିକ, ଶାରୀରିକ ନିର୍ଯାତନା ଦେଇଛନ୍ତି। ଏବେ ପ୍ରତାରଣା କରିଛନ୍ତି। ରବିବାରଠାରୁ ୪ରୁ ୬ ଜଣ ଲୋକ ତାଙ୍କ ପଛରେ ଲାଗିଛନ୍ତି। ଗତକାଲି ସନ୍ଧ୍ୟା ପରଠୁ ସେ ଘରୁ ବାହାରି ପାରୁନାହାନ୍ତି। ଏପରିକି ଜୀବନ ପ୍ରତି ତାଙ୍କର ବିପଦ ରହିଛି। କେହି ନ ଶୁଣିଲେ ନବୀନ ପଟ୍ଟନାୟକଙ୍କୁ ଗୁହାରି କରିବେ ଓ ଏହା ପରେ ଯାହା ହେବ ଦେଖାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ସଞ୍ଜୁକ୍ତାଙ୍କ ନାଁରେ ପରିବାର ଲୋକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ମା', ଭାଉଜ ଓ ସାନ ଭଉଣୀ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ।

# ମଣ୍ଡପ ବସ୍ତି ନିର୍ମାଣ କାର୍ଯ୍ୟ ସରୁନି

## ସ୍ଥିତି ସମୀକ୍ଷା କରି ସଂସ୍ଥାକୁ ତାଗିଦ୍ କଲେ କମିଶନର

ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ)

ଭୁବନେଶ୍ୱରରେ ଥିବା ବସ୍ତିଗୁଡିକର ଉନ୍ନତୀକରଣ ତଥା ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ଯୋଜନାରେ ଥଇଥାନ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନାନା ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ହିତାଧିକାରୀମାନେ ଲାଭବାନ ହୋଇପାରୁ ନାହାନ୍ତି। ରାଜୀବ ଆବାସ ଯୋଜନା (ଇନ୍-ସିଟୁ ରିଡେଭେଲେପମେଣ୍ଟ) ଅଧୀନରେ ମଣ୍ଡପ ବସ୍ତିରେ ୪୦୦ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଯେଉଁ କ୍ରମରେ ନିର୍ମାଣ କାର୍ଯ୍ୟ ସରିବା କଥା ଏ ଯାଏ ତାହା ହୋଇପାରିନାହିଁ। ଏଠାରେ ମୋଟ୍ ୫ଟି ବ୍ଲକ୍ ନିର୍ମାଣ କରାଯିବାକୁ ଥିବାବେଳେ ଏଯାବତ୍ ମାତ୍ର ୨ଟି ବ୍ଲକ୍ ନିର୍ମାଣ ହୋଇଛି। ତେଣୁ ନିର୍ମାଣ ଦାୟିତ୍ୱରେ ଥିବା 'ବ୍ରିଜ୍ ଆଣ୍ଡ ରୁଫ୍' ସଂସ୍ଥାକୁ ତୁରନ୍ତ କାମ ସାରିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର କମିଶନର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ପ୍ରମୁଖ ସମ୍ପୃକ୍ତ ବସ୍ତି ଗସ୍ତ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ପୃକ୍ତ ସଂସ୍ଥା ଠିକ୍ ଭାବେ କାମ କରୁ ନ ଥିବାରୁ ତାକୁ ତାଗିଦ୍ କରାଯାଇଥିଲା। ଏହାପରେ ଅକ୍ଟୋବର ଶେଷ ସୁଦ୍ଧା ଗୋଟିଏ ବ୍ଲକ୍ ଏବଂ ଡିସେମ୍ବର ସୁଦ୍ଧା ବାକି ଆଉ ୨ଟି ବ୍ଲକ୍ ନିର୍ମାଣ ଶେଷ କରିବା ପାଇଁ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ସେହିପରି ସେଠାରେ ରହୁଥିବା ପରିବାର ବ୍ୟବହାର କରୁଥିବା ବିଦ୍ୟୁତ୍ ପାଇଁ ଗୋଟିଏ ମିଟର ବସିଛି। ମାସ ଶେଷକୁ ଯେତିକି ବିଦ୍ୟୁତ୍ ବିଲ୍ ଆସୁଛି ତାହା ୟୁନିଟ୍ ପିଛା ୮ରୁ ୯ଟଙ୍କା ପଡୁଛି। ତେଣୁ ବିଏମ୍‌ସି ପକ୍ଷରୁ ତୁରନ୍ତ ସେଠାରେ ଟ୍ରାନ୍ସଫର୍ମର ବସାଇବା ପାଇଁ ମେ' ମାସରେ ଦାବି କରାଯାଇଥିଲା। ବିଭାଗୀୟ ଅଧିକାରୀ ଆସନ୍ତା ୧ମାସ ମଧ୍ୟରେ ଏନେଇ ପଦକ୍ଷେପ ନେବା ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ମଧ୍ୟ ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେବେ ଆସନ୍ତା ୧୦ଦିନ ଭିତରେ ସେଠାରେ ଟ୍ରାନ୍ସଫର୍ମର ବସାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବିଲ୍ଡିଂରେ ମୋଟ୍ ୫ଟି ବ୍ଲକ୍ ରହିଛି। ବର୍ତ୍ତମାନ ସୁଦ୍ଧା ବ୍ଲକ୍-୪ ଓ ବ୍ଲକ୍-୫ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ବ୍ଲକ୍-୧, ବ୍ଲକ୍-୨, ବ୍ଲକ-୩ର କାର୍ଯ୍ୟ ନିର୍ମାଣାଧୀନ ରହିଛି। ନିର୍ମାଣ ହୋଇଥିବା ୧୬୦ ୟୁନିଟ୍ ମଧ୍ୟରୁ ୧୫୩ଟି ପରିବାର ବସବାସ କରୁଛନ୍ତି। ଆହୁରି ୨୪୭ଟି ଯୋଗ୍ୟ ପରିବାର ଏଠାରେ ରହିବା ପାଇଁ ଚାହିଁ ବସିଥିବାବେଳେ ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନି। ୬ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବ ବୋଲି ମେ' ମାସରେ ସୂଚନା ଦିଆଯାଇଥିବାବେଳେ ଏବେ ଏହାକୁ ଆଉ ୨ମାସ ଘୁଞ୍ଚାଇ ଦିଆଯାଇଛି।



ଲୋକମାନଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଏକାମ୍ରରେ ୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୦।୭(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ଟି ୱାର୍ଡରେ ୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ସେଥିମଧ୍ୟରୁ ୱାର୍ଡ ନଂ.୫୬ ରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ କଳ୍ପନା ପାଣିଟାଙ୍କି ବିଜୁ ଆଦର୍ଶ କଲୋନୀର ଗୋଷ୍ଠୀ ଗୃହ ଉନ୍ନତୀକରଣ, ତ୍ରିନାଥ ମଣ୍ଡପର ଉନ୍ନତୀକରଣ, ଅଧେଇଖାଲ ଅରବିନ୍ଦ କଲୋନୀ, ଗଧିଆ ଖାଲ ଗୋଷ୍ଠୀ ଗୃହ ଉନ୍ନତୀକରଣ ଏବଂ ମହିଂସାଖାଲ ବିଜୁ ଆଦର୍ଶ କଲୋନୀ ୟୁଥ୍ କ୍ଲବ, ବଡଗଡ ଉଚ୍ଚ ବିଦ୍ୟାଳୟରେ ପାଚେରି ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ମନ୍ତ୍ରୀ ପଣ୍ଡା କରିଥିଲେ। ସେହିପରି ୱାର୍ଡ ନଂ.୪୪ରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବଡଗଡ ଗ୍ରାମରେ ପ୍ରାୟ ଅଢ଼େଇ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରୁ ବଡଗଡ ଛକଠାରୁ ଗ୍ରାମ ମଧ୍ୟକୁ ପେଭର୍ ବ୍ଲକ୍ ରାସ୍ତା, ପାତ୍ର ସାହି ରାସ୍ତା ଓ କଲଭର୍ଟ, ୱାର୍ଡ ନଂ.୫୭ ରେ ପ୍ରାୟ ଦେଢ଼ କୋଟି ଟଙ୍କାରେ ପାଣ୍ଡବ ଗୁମ୍ଫା, ସରସ୍ୱତୀ ଶିଶୁ ମନ୍ଦିର, ଇବି ଅଞ୍ଚଳ ଆଦିରେ ରାସ୍ତା ଓ ନାଳର ମଧ୍ୟ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, କର୍ପୋରେଟର କେ ଶାନ୍ତି, ବିରଞ୍ଚି ନାରାୟଣ ମହାସୁପକର, ଅଜିତ ବେହେରା, ସନ୍ତୋଷ ସିଂ, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ଅଶୋକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁଜନଙ୍କ ଆଶୀର୍ବାଦ ଜରୁରୀ



ବାଲିଅନ୍ତା,୧୦।୭(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ବେଣ୍ଣୁପୁରସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଅତିଥି ରୂପେ ଯୋଗଦେଇ ବେଣ୍ଣୁପୁର ପଞ୍ଚାୟତର ୨୦୦ ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଢାଲି ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକ ହେଉଛନ୍ତି ପରିବାରର ମୂଳଦୁଆ। ପିଲାଙ୍କୁ ପାଠ ପଢାଇ ମଣିଷ କରିବାରେ ସେମାନଙ୍କ ଅବଦାନକୁ ଭୁଲି ହେବନାହିଁ। ସେହି ଗୁରୁଜନ ବ୍ୟକ୍ତିଙ୍କ ଆଶୀର୍ବାଦ ଆମ ପାଇଁ ଜରୁରୀ। ସେମାନଙ୍କ ଆଶୀର୍ବାଦ ପାଇବାକୁ ୩୩ ପଞ୍ଚାୟତ ବୁଲି ସମ୍ବର୍ଦ୍ଧନା ସଭା ଆୟୋଜନ କରିଛି ବୋଲି ସେ କହିଥିଲେ। ସରପଞ୍ଚ ହୃଷୀକେଶ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଅନ୍ତର୍ଯ୍ୟାମୀ ଛୋଟରାୟ, ବିଜେଡି କର୍ମୀ ସୁବଳ ଚରଣ ଜେନା, ନୃସିଂହ ଚରଣ ଜେନା, ନାଏବ ସରପଞ୍ଚ ଅହଲ୍ୟା ବେହେରା, ଦେବାନନ୍ଦ ସାହୁ, ପ୍ରିୟବ୍ରତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାକୁ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ଖୁଣ୍ଟିଆ ପରିଚାଳନା କରିଥିଲେ।

# ବେଗୁନିଆ ବନ୍ଦ, ଲୋକେ ହଇରାଣ

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ବେଗୁନିଆ,୧୦।୭(ହରପ୍ରସନ୍ନ ପଣ୍ଡା)




ବେଗୁନିଆ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକ କମିଟି ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସକାଳ ୭ଟାରୁ ବେଗୁନିଆ ସଦର ମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ କରାଯିବା ସହ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥଲା। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ବେଗୁନିଆ ବଜାର ଅଧୀନ ପୋଷ୍ଟ ଅଫିସ ଓ ବ୍ଲକ ଅଫିସ ଛକରେ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ଏପରି କି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ଦାୟିତ୍ୱରେ ଥିବା ତହସିଲଦାର ସନ୍ତୋଷିନୀ ଦାଶ, ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୭ଜଣିଆ କମିଟି ଗଠନ କରି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ଆଗେଇ ଆସନ୍ତୁ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ କଥା ନିଶ୍ଚୟ ବୁଝିବେ। ଯଦି ନ ବୁଝିବେ, ବେଗୁନିଆ ବଜାରରେ ଲଣ୍ଡା ହୋଇ ବୁଲିବି ବୋଲି ବିଧାୟକ ସାହୁ କହିଥିଲେ। ତେବେ ବିଧାୟକଙ୍କ ପ୍ରତିଶ୍ରୁତିକୁ ଆନ୍ଦୋଳନକାରୀ ସହଜରେ ଗ୍ରହଣ କରିପାରି ନ ଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଆଉ ଭୁଆଁ ବୁଲାଅନି ବୋଲି ଆନ୍ଦୋଳନକାରୀ ପାଲଟା ପ୍ରଶ୍ନ କରିଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। ତେବେ ସନ୍ଧ୍ୟା ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଏହା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରେ ଦ୍ୱିତୀୟ ଦିନ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ କହିଛନ୍ତି। ଏହି ବନ୍ଦ ଆନ୍ଦୋଳନରେ ମହିଳାଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ସାମିଲ ହୋଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଏବଂ ମହିଳା ଶିଶୁ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ଶିଶୁଙ୍କୁ ପ୍ରୋତ୍ସାହନ ଓ ସମ୍ମାନିତ, ଗୃହ ଅର୍ଥନୀତି ତାଲିମ କେନ୍ଦ୍ର ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ୩୦।
- ସବୁଜ ବିସ୍ତାରର ଚାରାରୋପଣ କାର୍ଯ୍ୟକ୍ରମ, ଜୟଦେବ କଲେଜ ରୋଡ୍, ନହରକଣ୍ଟା, ଅପରାହ୍ନ ୪ଟା।
- ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନର ସୃଷ୍ଟି ସମ୍ପର୍କରେ ଆଲୋଚନା, ହୋଟେଲ ନ୍ୟୁ ମାରିୟନ୍, ଅପରାହ୍ନ ୫ଟା।
- ପ୍ରଫେସର ସର୍ବେଶ୍ୱର ଦାଶଙ୍କ ଆତ୍ମଜୀବନୀ ଉନ୍ମୋଚନ, ହୋଟେଲ ନ୍ୟୁ ମାରିୟନ୍, ସନ୍ଧ୍ୟା ୬ଟା।
- ସମାଜବାଦୀ ନେତା ପ୍ରଦୀପ୍ତ କିଶୋର ଦାସଙ୍କ ଜନ୍ମ ଶତବାର୍ଷିକୀ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- କଳାଶ୍ରମ ପକ୍ଷରୁ ୧୮ତମ ଗୁରୁ ଦକ୍ଷିଣା ୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ନବମ, ଦଶମ ପିଲାଙ୍କୁ ମିଳିବ ପୋଷାକ, ଜୋତା

**ଭୁବନେଶ୍ୱର,୧୦।୭ (ଅନୁରାଧା ମହାରଣା)**

**'ମୁଖ୍ୟମନ୍ତ୍ରୀ ପରିଧାନ' ଯୋଜନା**

**ପ୍ରଥମରୁ ଅଷ୍ଟମ ପିଲାଙ୍କ ପୋଷାକ ସଂଖ୍ୟାରେ ବୃଦ୍ଧି**

'ମୁଖ୍ୟମନ୍ତ୍ରୀ ପରିଧାନ' ଯୋଜନା ଅଧୀନରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷରୁ ପୋଷାକ ଓ ଜୋତା-ମୋଜା ମିଳିବ। ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ସରକାରୀ ଅନୁଦାନପ୍ରାପ୍ତ ପଢୁଥିବା ଛାତ୍ରୀଛାତ୍ର ଏହି ସୁବିଧା ପାଇବେ। ୫୫୦ ଟଙ୍କାର ୧ ଯୋଡ଼ା ୟୁନିଫର୍ମ, ହଳେ ଜୋତା ଓ ୨ଟି ମୋଜା ମିଳିବ। ଜୋତାର ମୂଲ୍ୟ ୨ ଶହ ଟଙ୍କା ରହିଥିବାବେଳେ ମୋଜା ସହ ୧୨୫ ଟଙ୍କାର ଟି-ଶାର୍ଟ, ୧୨୫ ଟଙ୍କା ମୂଲ୍ୟର ଟ୍ରାକ୍ ପ୍ୟାଣ୍ଟ ମିଳିବ। ଏପରି ଜଣେ ଛାତ୍ରୀଛାତ୍ରଙ୍କ ପାଇଁ ମୋଟ ୧ ହଜାର ଟଙ୍କା ଖର୍ଚ୍ଚହେବ। ଏ ନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ(ଡିଇଓ), ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ହୋଇଛି। ଏଥିସହ ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନକୁ ମଧ୍ୟ ଏ ନେଇ ଚିଠି ହୋଇଛି। ପୋଷାକ, ଜୋତା-ମୋଜା କ୍ରୟ ଓ ବିତରଣ ପାଇଁ ବ୍ଲକ ସ୍ତରରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ନେତୃତ୍ୱରେ ଏମ୍ଏସ୍ଏମ୍ଇ ବା ସ୍ୱୀକୃତିପ୍ରାପ୍ତ ଏସ୍ଏଚ୍ଜିଙ୍କୁ ପୋଷାକ କ୍ରୟ ବା ବଣ୍ଟନ ଦାୟିତ୍ୱ ଦିଆଯାଇଛି। ସେମାନେ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଗୁଣବତ୍ତାଯୁକ୍ତ ପୋଷାକ ସହିତ ଜୋତା-ମୋଜା ପ୍ରସ୍ତୁତ କରି ପିଲାଙ୍କୁ ବଣ୍ଟନ କରିବେ। ଜଣେ ବିଦ୍ୟାର୍ଥୀଙ୍କୁ ବର୍ଷକ ପାଇଁ ୨ହଳ ପୋଷାକ ଓ ଏକ ହଳ ଜୋତା ଓ ଏକ ହଳ ମୋଜା ପ୍ରଦାନ କରାଯିବ। ଛାତ୍ରଙ୍କ ପାଇଁ ଫୁଲ୍ ପ୍ୟାଣ୍ଟ ଓ ଶାର୍ଟ ରହିଥିବାବେଳେ ଛାତ୍ରୀଙ୍କ ପାଇଁ ଚୁଡିଦାର ପଞ୍ଜାବୀ ପୋଷାକ ରହିଛି।

ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପୋଷାକ ଓ ଜୋତା- ମୋଜା ବ୍ୟତୀତ ଚଳିତବର୍ଷରୁ ଟି-ଶାର୍ଟ, ଟ୍ରାକ୍ସୁଟ୍, ଆଇକାର୍ଡ ଓ ଟୋପି ମିଳିବ। ନୂଆ ଯୋଜନା ଅନୁସାରେ, ପ୍ରଥମରୁ ଅଷ୍ଟମ ପିଲାଙ୍କୁ ୪ଟି ହାଉସ୍‌ରେ ଯଥା ସାହିତ୍ୟ, ସୃଜନୀ, କ୍ରୀଡ଼ା ଜିଜ୍ଞାସା ଓ ଆଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ହାଉସ୍କୁଲକୁ ନିର୍ଦ୍ଦିଷ୍ଟ ରଙ୍ଗର ପୋଷାକ ସାମଗ୍ରୀ ଦିଆଯିବ। ପ୍ରତି ମାସର ଦୁଇଟି ଶନିବାର ସେମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଚଳିତ ଶିକ୍ଷାବର୍ଷ ୨୦୨୩-୨୪ରୁ କାର୍ଯ୍ୟକାରୀ କରାଯିବାକୁ ଯୋଜନା ହୋଇଛି।

## ପିଲାଙ୍କ 'ହଲି ଡେ ହୋମ୍‌ୱାର୍କ' ଖାତା ଦେଖାହେବ

**ଭୁବନେଶ୍ୱର,୧୦।୭(ଅନୁରାଧା ମହାରଣା):** ଖରା ଛୁଟିରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ 'ହଲିଡେ ହୋମ୍‌ୱାର୍କ ପ୍ରୋଗ୍ରାମ' ଓ ଜିଲାୱାରୀ ଟୋଲ-ଫ୍ରି ନମ୍ବର ଜାରି କରାଯାଇଥିଲା। ତେବେ ଛାତ୍ରୀଛାତ୍ର କରିଥିବା ହୋମ୍‌ୱାର୍କ ଖରାଛୁଟି ସରିବା ପରେ ବର୍ତ୍ତମାନ ଖାତା ଦେଖାଯିବା ନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ପିଲାଙ୍କ ଖାତା ଦେଖାଯିବା ସହ ପ୍ରଧାନଶିକ୍ଷକଙ୍କ ନିକଟରେ ରଖାଯିବ। ଖାତା ଦେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହପରି ଖାତାଦେଖା ନେଇ ବିଇଓ ଏକ ପ୍ରମାଣ ପତ୍ର ଡିଇଓଙ୍କ ନିକଟରେ ଦାଖଲ କରିବେ। ଡିଇଓ ଏହି ପ୍ରମାଣପତ୍ରକୁ ଜୁଲାଇ ୩୦ ମଧ୍ୟରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ପ୍ରଦାନ କରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉ କି, ଛାତ୍ରୀଛାତ୍ରଙ୍କୁ ହୋମ୍‌ୱାର୍କ ସମ୍ପର୍କିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ନିମନ୍ତେ ମେ' ମାସରେ ସହାୟତା କେନ୍ଦ୍ର ଖୋଲାଯାଇଥିଲା। ଦୈନିକ ୪ଜଣ ବିଷୟଭିତ୍ତିକ ଓ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସହଯୋଗ କରିବା ପାଇଁ ଜିଲାୱାରୀ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଥିଲା।

# ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ନୂଆ ମୋଡ଼



'ଜୀ ସାର୍ଥକ'ରେ ପ୍ରସାରିତ ଧାରାବାହିକ 'ତୁ ଖରା ମୁଁ ଛାଇ'ର ଅଭିନେତା ରଞ୍ଜନ, ଅଭିନେତ୍ରୀ ସ୍ମୃତିରେଖା ଓ ଅନ୍ୟ କଳାକାରମାନେ।

**ଭୁବନେଶ୍ୱର,୧୦।୭ (ଅନୁରାଧା ମହାରଣା)**

'ଜୀ ସାର୍ଥକ'ରେ ପ୍ରସାରିତ ହେଉଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ରେ ନୂଆ ମୋଡ଼ ଆସିଛି। ସୋମବାରରୁ ଶନିବାର ରାତି ୮ଟା ୩୦ରେ ପ୍ରସାରିତ ହେଉଥିବା ଏହି ଧାରାବାହିକ କାହାଣୀର ମୁଖ୍ୟ ଚରିତ୍ରରେ ଏଜେ ଓ ମାନିନୀ ନଜରକୁ ଆସିଛନ୍ତି। ଚୁଲ୍‌ବୁଲି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା 'ମାନିନୀ' ଚରିତ୍ରରେ ଦେଖିବାକୁ ମିଳିଥିବାବେଳେ ମଡେଲିଂରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ରଞ୍ଜନ 'ଏଜେ' ଚରିତ୍ରରେ ନିଜର ଅଭିନୟ ଯାଦୁରେ ଓଡିଆ ଦର୍ଶକଙ୍କ ମନ ଜିତିପାରିଛନ୍ତି। ଅକ୍ଷୟ ପରିଜା ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' କାହାଣୀରେ ମାନିନୀ ଅନ୍ୟମାନଙ୍କୁ ଖୁସିରେ ରଖିବାକୁ ପସନ୍ଦ କରେ। ତେଣୁ ସେ କୁହେ 'ବି ହାପି, ନୋ ବିପି'। ଅଭିନୟ ଦୁନିଆରେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବେ ଦେଖିବାକୁ ସେ ସ୍ୱପ୍ନ ଦେଖୁଥିବାବେଳେ 'ଏଜେ' ଜଣେ ପରଫେକ୍ସନିଷ୍ଟ, ଯାହାକୁ ସବୁ ଜିନିଷ ପର୍ଫେକ୍ଟ ଦରକାର। ସେ ଜଣେ ସଫଳ ବ୍ୟବସାୟୀ ଓ ନିଜ କାମ ଠିକ୍‌ରେ ସାରିବା ତାଙ୍କ ଲକ୍ଷ୍ୟ। ତେବେ କାହାଣୀରେ ମାନିନୀ ଶାଶୁ ହିସାବରେ ନିଜକୁ ଏଜେ ଆଗରେ ପର୍ଫେକ୍ଟ କରିବା ପାଇଁ ୩ ବୋହୂଙ୍କ ଦ୍ୱାରା ବିଛା ଯାଇଥିବା ଜାଲରେ ପଡୁଛି। ଏପରି ଏକ ରୋମାଞ୍ଚଭରା କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଛି। ସ୍ମୃତିରେଖା ଓ ରଞ୍ଜନଙ୍କ ବ୍ୟତୀତ ଧାରାବାହିକରେ ସୌମ୍ୟା କାନୁନ୍‌ଗୋ, ଅରୁନ୍ଧତୀ ଦେବିକା, ସନ୍ଧ୍ୟାରାଣୀ ବେହେରା, ଏମ୍ ସୁମନ କୁମାର ଓ ପ୍ରିୟଙ୍କା ମହାପାତ୍ରଙ୍କ ଅଭିନୟ ଦେଖିବାକୁ ମିଳିଛି। ପୂର୍ବରୁ ଜୀ ସାର୍ଥକର ପ୍ରତିଟି ମେଗା ଧାରାବାହିକକୁ ଦର୍ଶକଙ୍କ ଆଦୃତି ମିଳିଥିବାବେଳେ ଏହିଧାରା ଜାରି ରହିବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି।

**ସମ୍ବଲପୁର ଭିସୁଟ୍ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲା**

## କେସ୍ ଡାଏରୀ, ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**କଟକ,୧୦।୭ (କାର୍ତ୍ତିକ ସାହୁ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍)ର ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ(୨୨) ମୃତ୍ୟୁ ମାମଲାରେ ହାଇକୋର୍ଟ ପୋଲିସକୁ କେସ୍ ଡାଏରୀ ଓ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚିନ୍ମୟୀଙ୍କ ପରିବାର ପକ୍ଷରୁ ଆଗତ ମାମଲାର ସୋମବାର ଶୁଣାଣି ହୋଇଥିଲା। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଗତ ମାର୍ଚ୍ଚ ୧୧ ତାରିଖରେ ଚିନ୍ମୟୀଙ୍କ ମୃତଦେହ ହୀରାକୁଦ ଡ୍ୟାମ୍‌ରୁ ଉଦ୍ଧାର ହୋଇଥିଲା। ତାଙ୍କୁ କେହି ନଦୀକୁ ଫିଙ୍ଗିଛନ୍ତି ଅଥବା ସେ ଡେଇଁଛନ୍ତି ତାହା ସନ୍ଦେହଘେରରେ ରହିଛି। କଳାହାଣ୍ଡି ଜିଲାର ନିଜ ଗ୍ରାମ ମଦନପୁର ରାମପୁରରେ ସେ ସମାବର୍ତ୍ତନ ଉତ୍ସବରୁ ଡିଗ୍ରୀ ଧରି ଫେରିବା ପରେ ଏହି ଘଟଣା ଘଟିଥିଲା ବୋଲି ପୋଲିସ ସେତେବେଳେ ସ୍ପଷ୍ଟ କରିଥିଲା। ଏଥିସହ ଚିନ୍ମୟୀଙ୍କୁ ହତ୍ୟା କରାଯାଇନାହିଁ, ବରଂ ପାଣିରେ ବୁଡ଼ିବା ପରେ ମୃତ୍ୟୁ ହୋଇଥିବା ନେଇ ବୈଜ୍ଞାନିକ ପରୀକ୍ଷଣରୁ ଜଣାପଡ଼ିଥିବା ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଥିଲେ। ତାଙ୍କର ୨ ଜଣ ପୁରୁଷ ବନ୍ଧୁ ଚିନ୍ମୟୀଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ ଉଠାଇଥିଲେ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲା।

## ଦୁର୍ଘଟଣାରେ ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳଙ୍କ ପରଲୋକ



**ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ):** ଓଡ଼ିଆ ସିନେମା, ଯାତ୍ରା ଓ ଧାରାବାହିକର ଲୋକପ୍ରିୟ ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳଙ୍କ ପରଲୋକ ହୋଇଛି। ରବିବାର ଏକ ମୋଟର ସାଇକେଲ ଦୁର୍ଘଟଣାର ଶିକାର ହୋଇ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ହେଲେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତୃପ୍ତିଙ୍କୁ ୫୨ ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଓଲିଉଡ୍, ଜଲିଉଡ ଓ ଧାରାବାହିକ ଜଗତରେ ଶୋକର ଛାୟା ଖେଳିଯାଇଛି। କଟକ ଜିଲା ମାହାଙ୍ଗାରେ ଜନ୍ମିତ ତୃପ୍ତି ପୁନେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ସେ ବରିଷ୍ଠ ନିର୍ଦ୍ଦେଶକ ତଥା ଅଭିନେତା ଦିବଂଗତ ହର ପଟ୍ଟନାୟକଙ୍କ ସହ କାମ ଆରମ୍ଭ କରିଥିଲେ। ଦୂରଦର୍ଶନରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ସୁନା କଳସ'ରେ ସେ ନିର୍ଦ୍ଦେଶନା ଦେଇଥିଲେ। ଏଥିସହ 'ଅହଂକାର', 'ବନ୍ଧନ', 'ଆହୁତି', 'ଗାୟତ୍ରୀ' 'କିଛି ଲୁହ ପିଇଯାଏ ଓଠ', 'ତୋ ଦେହେ ବୋଳିଦେ ମୋ ଦେହ କଳା', 'ମଙ୍ଗୁଳା କନ୍ୟା' ଭଳି ଲୋକପ୍ରିୟ ଧାରାବାହିକ ସହିତ 'କେମିତି କହିବି ଏମିତି କଥା', 'ଏତେ ସରି ତତେ କିଏ କଲା' 'ମିଛୁଆ ରାଧୁଆ ଗପ ସରିଲା' ପରି ଅନେକ ସୁପରହିଟ ଯାତ୍ରା ଦର୍ଶକଙ୍କୁ ଭେଟି ଦେଇଥିଲେ। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ଦଇବ ଦଉଡ଼ି'ରେ ସେ ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ 'ଜୟ ଶ୍ରୀରାମ' ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ଅନେକ ବରିଷ୍ଠ କଳାକାରଙ୍କୁ ନେଇ ସେ ସିନେମା ଓ ସିରିଏଲରେ କାମ କରିବା ସହ ବହୁ ନବ ପ୍ରତିଭାଙ୍କୁ ସେ ନିଜ ଧାରାବାହିକରେ ସୁଯୋଗ ଦେଇଥିଲେ। କଟକ ସତୀ ଚଉରାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଓଡ଼ିଆ ମନୋରଞ୍ଜନ ଜଗତରେ ଶୋକର ଛାୟା ଖେଳି ଯାଇଛି।

# ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୦।୭ (କାର୍ତ୍ତିକ ସାହୁ)**

**ଶ୍ରୀମନ୍ଦିର ସଂସ୍କାର ମାମଲା**
- ନାଟମଣ୍ଡପ, ଜଗମୋହନ ମରାମତି ଶେଷ ନେଇ ରିପୋର୍ଟ ଦେଲେ ଏଏସ୍ଆଇ
- ରତ୍ନଭଣ୍ଡାର ଖୋଲିବା ନେଇ ସତ୍ୟପାଠ ଦାଖଲ କରିଛି ଶ୍ରୀମନ୍ଦିର ପ୍ରଶାସନ
- ଅଗଷ୍ଟ ୧ରେ ପରବର୍ତ୍ତୀ ଶୁଣାଣି



ଶ୍ରୀମନ୍ଦିରର ଜଗମୋହନ ଓ ନାଟମଣ୍ଡପ ମରାମତି କାମ ସମ୍ପୂର୍ଣ୍ଣ ହୋଇଥିବା ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ହାଇକୋର୍ଟଙ୍କୁ ରିପୋର୍ଟ ମାଧ୍ୟମରେ ଅବଗତ କରିଛି। ହେଲେ ଏହାକୁ ସତ୍ୟପାଠ ମାଧ୍ୟମରେ ଦାଖଲ କରିବା ପାଇଁ ହାଇକୋର୍ଟ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏହାର ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରତି ଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏକାଧିକ ମାମଲାର ଏକତ୍ର ଶୁଣାଣି କରିଥିଲେ। ଅଗଷ୍ଟ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅପରପକ୍ଷରେ ଆମିକସ୍ କ୍ୟୁରିଙ୍କ ଅନୁପସ୍ଥିତି ହେତୁ କୋଣାର୍କ ସୂର୍ଯ୍ୟମନ୍ଦିର ସଂକ୍ରାନ୍ତୀୟ ମାମଲାରେ ଅଗ୍ରଗତି ହୋଇପାରିନାହିଁ।

ପ୍ରକାଶ ଯେ, ଶ୍ରୀମନ୍ଦିରର ଜଗମୋହନ, ନାଟମଣ୍ଡପ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ନେଇ ଦିଲୀପ ମହାପାତ୍ରଙ୍କ ପକ୍ଷରୁ ହାଇକୋର୍ଟରେ ୨ଟି ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ସେହିପରି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ଓ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ଅଭିଷେକ ଦାସଙ୍କ ପକ୍ଷରୁ ଅନ୍ୟ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା।



ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ଅନୁବାଦିକା ଶାରଦା ରଥଙ୍କ ହିନ୍ଦୀରୁ ଅନୁବାଦ ପୌରାଣିକ ଉପନ୍ୟାସ 'କୁନ୍ତି'କୁ ଉନ୍ମୋଚନ କରୁଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା ଉପନ୍ୟାସ 'କୁନ୍ତି' ଲୋକାର୍ପିତ

**ଭୁବନେଶ୍ୱର,୧୦।୭ (ବନ୍ଦନା ସେଠୀ)**

ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାରପ୍ରାପ୍ତ ଅନୁବାଦିକା ଶାରଦା ରଥଙ୍କ ହିନ୍ଦୀରୁ ଅନୁବାଦ ପୌରାଣିକ ଉପନ୍ୟାସ 'କୁନ୍ତି' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସୋମବାର ରାଜଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ, ଅନୁବାଦିକା ରଥଙ୍କ ସହିତ ଝିଅ ସାହିତ୍ୟିକା ମମତା ରଥ, ପୁସ୍ତକର ପ୍ରକାଶକ ଇଞ୍ଜିନିୟର ଶାଶ୍ୱତ ଧଳ, ସ୍ୱାହା ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ କିଛି ପୁସ୍ତକ ଉପହାରସ୍ୱରୂପ ପ୍ରଦାନ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଗୌରୀ



@ ସତ୍ୟକାମ



@ ଜଗନ୍ନାଥ



@ ଧନେଶ୍ୱର



@ ସିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନେଷ୍ଟ ପରୀକ୍ଷା ଫଳ ପ୍ରକାଶ

**ଭୁବନେଶ୍ୱର,୧୦।୭ (ଅନୁରାଧା ମହାରଣା)**

**ଆଦ୍ୟାଂଶ ବେହୁରା ରାଜ୍ୟ ଟପ୍ପର**

ନାଇଜରରେ ନାମ ଲେଖାଇବା ଲାଗି ହୋଇଥିବା ନ୍ୟାଶନାଲ ଏଣ୍ଟ୍ରାନ୍ସ ସ୍କ୍ରିନିଂ ଟେଷ୍ଟ (ନେଷ୍ଟ) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ ସମଗ୍ର ଦେଶରୁ ମୋଟ ୪୪ ହଜାର ୯୨୦ଜଣ ପିଲା ପରୀକ୍ଷା ଦେଇଥିବାବେଳେ ୨ହଜାର ୫୬୬ଜଣ କୃତକାର୍ଯ୍ୟ ହୋଇଛନ୍ତି। କୋଲକାତାର ପ୍ରାଞ୍ଜଳ ଶାହା ସମଗ୍ର ଦେଶରେ ଟପ୍ପର ହୋଇଥିବାବେଳେ ଓଡ଼ିଆ ଛାତ୍ର ଆଦ୍ୟାଂଶ ବେହୁରା ସମଗ୍ର ଦେଶରେ ୪ର୍ଥ ଓ ରାଜ୍ୟ ଟପ୍ପର ହୋଇଛନ୍ତି। ସେହିଭଳି ଓଡ଼ିଶାରୁ ମୋଟ ୫୮୮ଜଣ ପିଲା କୃତକାର୍ଯ୍ୟ ହୋଇଛନ୍ତି।

ସୂଚନାଥାଉ କି, ଭୁବନେଶ୍ୱରଠାରେ ଥିବା ନାଇଜରରେ ୫ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍ଏସ୍‌ସି ପାଠ୍ୟକ୍ରମ ଲାଗି ମୋଟ ୨୦୨ଟି ସିଟ୍ ରହିଛି। ଏଥିରେ ନାମ ଲେଖାଇବା ଲାଗି ଆସନ୍ତା ୧୨ ତାରିଖରୁ ପ୍ରକ୍ରିୟା ଆରମ୍ଭ ହେବ। ଜୁଲାଇ ୨୮ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହେବ। ସେହିଭଳି ସେପ୍ଟେମ୍ବର ୧୮ରୁ ପାଠପଢ଼ା ଆରମ୍ଭ ହେବ ବୋଲି ନାଇଜର ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ଲକସ୍ତରୀୟ ସମନ୍ୱିତ କୃଷି ତାଲିମ ଶିବିର

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ସୋମବାର ସମନ୍ୱିତ କୃଷି ଉପରେ ଏକ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ ଜାଫନା ରାୟ ଯୋଗଦେଇ ଗୋଟିଏ ସ୍ଥାନରେ ବହୁମୁଖୀ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ଚାଷୀ ପୋଖରୀରେ ମାଛଚାଷ କଲେ ମଧ ବନ୍ଧରେ ଫୁଲ, ପନିପରିବା, ଗୋପାଳନ ଓ କୁକୁଡ଼ା ଚାଷ କରିପାରିବ। ଫଳରେ ଏହା ବହୁମୁଖୀ ଚାଷ ଭାବେ ପରିଗଣିତ ହେବ। ଏହି ତାଲିମ ଶିବରରେ ୧୩ ଜଣ ଅଗ୍ରଣୀ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ମୋନାଲିସା ବେହେରା, ମୋନାଲିସା ଜେନା ଓ ଦେବୀପ୍ରିୟା ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣାରେ ୨ ବାଇକ୍ ଚାଳକ ମୃତ

ମଙ୍ଗୁଳି-ଜଗତପୁର, (ମାନସ ସାମଲ)/ ଫୁଲନଖରା,୧୦।୭(ସତ୍ୟରଞ୍ଜନ ଦାସମହାପାତ୍ର)- ଜଗତପୁର ଥାନା ଅଧୀନ ମହାନଦୀ ଯୋବ୍ରା ବ୍ୟାରେଜ ଉପରେ ସୋମବାର ପୂର୍ବାହ୍ନରେ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତପୁର ଥାନା ଅଧୀନ ନିମପୁର ବସ୍ତି ବଟଛକର ମାନସ ପ୍ରଧାନ(୨୭)। ମିଳିଥିବା ସୂଚନା ମୁତାବକ, ମାନସ ବାଇକ୍(ଓଡ଼ି୦୫ଏଏମ୍-୭୭୦୫)ରେ କଟକରୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟାଟା ଏସିଇ(ଓଡ଼ି୦୫ବିଡି-୯୯୪୭) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମାନସଙ୍କ ଭାଇ ଲିଙ୍ଗରାଜ ପ୍ରଧାନ ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦୁର୍ଘଟଣା ପରେ ଟାଟା ଏସିଇ ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିଛି।ସେହିପରି ଫୁଲନଖରା-ନିଆଳି ୬୦ ନଂ. ରାଜ୍ୟ ରାଜପଥର ଇଷ୍ଟ କଲେଜ ନିକଟରେ ସୋମବାର ଡିଭାଇଡରରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ସେ ନିଆଳିରୁ କଟକ ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଟାୱାରରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ, ଦେହରେ ଲାଗିଲା ନିଆଁ

ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ)- ମୈତ୍ରୀ ବିହାର ଥାନା ହାତୀଆଶୁଣୀ ଛକ ନିକଟରେ ଥିବା ୩୩ କେଭି ବିଦ୍ୟୁତ୍ ଟାୱାରରେ ଚଢ଼ି ଜଣେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମବେଳେ ବିଦ୍ୟୁତ୍ ଆଘାତ ଲାଗି ତାଙ୍କ ଦେହ ପୋଡ଼ିଯାଇଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ମେଡିକାଲକୁ ନିଆଯାଇଛି। ସୂଚନା ମୁତାବକ, ସୋମବାର ଜଣେ ଯୁବକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ୩୩ କେଭି ବିଦ୍ୟୁତ୍ ଟାୱାରରେ ଚଢିଥିଲେ।
ଏହି ସମୟରେ ବିଦ୍ୟୁତ୍ ଆଘାତ ଲାଗିବାରୁ ତାଙ୍କ ଶରୀର ପୋଡ଼ି ଯାଇଥିଲା। ଯୁବକଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିବା ସମୟରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହୋଇଥିଲା। ଏହାପରେ ଯୁବକ ଜଣଙ୍କ ଟାୱାରରୁ ତଳକୁ ଖସିପଡ଼ିଥିଲେ। ଖବରପାଇ ଦମକଳ ବାହିନୀ ଓ ମୈତ୍ରୀବିହାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଳନ୍ତା ଅବସ୍ଥାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା।

# ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼

### ମାଟ୍ରିକ ସାର୍ଟିଫିକେଟ୍ ତ୍ରୁଟି ସଂଶୋଧନ

କଟକ,୧୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ୫ ତାରିଖରୁ ମାଟ୍ରିକ ସାର୍ଟିଫିକେଟରେ ତ୍ରୁଟି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ହାତରେ ଆଉ କମ୍ ସମୟ ଥିବାରୁ ମାଟ୍ରିକ ସାର୍ଟିଫିକେଟ୍‌ରେ ଥିବା ତ୍ରୁଟି ସଂଶୋଧନ ପାଇଁ ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କଟକସ୍ଥିତ ବୋର୍ଡ ଅଫିସରେ ଭିଡ ଲଗାଇଛନ୍ତି। ସୋମବାର ସେଠାରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା। ଖରାବର୍ଷାରୁ ରକ୍ଷା ପାଇବା ପାଇଁ ସେମାନେ ଧାଡିରେ ବ୍ୟାଗ ରଖିଥିବା ଦେଖିବାକୁ ମିଳିଥିଲା।
ସୂଚନା ମୁତାବକ, ଚଳିତବର୍ଷ କିଛି ମାଟ୍ରିକ ସାର୍ଟିଫିକେଟରେ ଛାତ୍ରୀଛାତ୍ରଙ୍କର ନାମ ଭୁଲ ରହିଥିବାବେଳେ ଆଉ କିଛି ସାର୍ଟିଫିକେଟ ସେମାନଙ୍କର ଫଟୋରେ ତ୍ରୁଟି ରହିଛି। ଏହି ତ୍ରୁଟି ସଂଶୋଧନ ପାଇଁ ବୋର୍ଡ ପକ୍ଷରୁ ସମୟ ଦିଆଯାଇଛି। ବୋର୍ଡର ଏଭଳି ଅବ୍ୟବସ୍ଥାକୁ ଅଭିଭାବକମାନେ ନାପସନ୍ଦ କରିଛନ୍ତି । ସେଠାରେ କେତେଜଣ ଅଭିଭାବକ କହିଛନ୍ତି, ଏହି ତ୍ରୁଟି ସଂଶୋଧନ ପାଇଁ ପ୍ରତ୍ୟେକ ଜିଲାରେ କେନ୍ଦ୍ର କରାଯାଇଥିଲେ କଟକରେ ଏତେ ଭିଡ ହୋଇ ନ ଥାନ୍ତା । ରାଜ୍ୟର ଗୋଟିଏ ସ୍ଥାନରେ କେନ୍ଦ୍ର ହୋଇଛି। ହେଲେ ଏଠାରେ ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଲୋକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଖରା ଓ ଅସହ୍ୟ ଗୁଳୁଗୁଳିରେ ଲୋକଙ୍କୁ ଛିଡା ହେବାକୁ ପଡୁଛି। ଏପରି କି ବର୍ଷା ହେଲେ ମଧ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ପିଲାଙ୍କ ଭବିଷ୍ୟତ ପାଇଁ କେବଳ ଆମେମାନେ ହନ୍ତସନ୍ତ ହୋଇଉଛୁ । ଏନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


ମାଟ୍ରିକ ସାର୍ଟିଫିକେଟ୍ ତ୍ରୁଟି ସଂଶୋଧନ ପାଇଁ ଅଭିଭାବକଙ୍କ ଭିଡ।

# ଗୋ ମାଂସ ଭର୍ତ୍ତି କଣ୍ଟେନର ଜବତ, ୨ ଗିରଫ

ମଙ୍ଗୁଳି-ଜଗତପୁର, (ମାନସ ସାମଲ)/ ଚୌଦ୍ୱାର,୧୦।୭(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ନୁଆଁକିରି ଛକ ନିକଟରୁ ସୋମବାର ସକାଳେ ଏକ ଗୋ ମାଂସ ବୋଝେଇ କଣ୍ଟେନରକୁ ପୋଲିସ ଜବତ କରିଛି। ଏହି ଘଟଣାରେ କଣ୍ଟେନର ଚାଳକ ପଶ୍ଚିମବଙ୍ଗ ନର୍ଥ ୨୪ ପ୍ରଗଣା ଜିଲା ଆଟଗରା ଗ୍ରାମର ଅଜିବୁଲ ଇସ୍‌ଲାମ୍(୩୭) ଓ ତାଙ୍କ ସହଯୋଗୀ ନର୍ଥ ୨୪ ପ୍ରଗଣାର ସାଲିପୁରର ମଫିଜୁଲ ସରଦାର(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଉକ୍ତ କଣ୍ଟେନର(ଡବ୍ଲ୍ୟୁବି୨୫ଏଲ୍-୫୦୫୦)ରେ ଗୋ ମାଂସ ଚାଲାଣ କରାଯାଉଥିଲା। ଖବରପାଇ ବଜରଙ୍ଗ ଦଳର କର୍ମୀମାନେ ଖୁଣ୍ଟୁଣୀଠାରୁ ପିଛା କରି ନୁଆଁକିରିଠାରେ ଗାଡ଼ିକୁ ଅଟକାଇଥିଲେ। କଣ୍ଟେନରକୁ ସୁରକ୍ଷା ଦେବା ପାଇଁ ଆଗରେ ଏକ ବୋଲେରୋରେ କେତେଜଣ ବ୍ୟକ୍ତି ଆସୁଥିଲେ। ବଜରଙ୍ଗ ଦଳର କର୍ମୀମାନେ ତାଙ୍କୁ ପିଛା କରୁଥିବା ଜାଣିବା ପରେ ସେମାନେ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନରକୁ ଖୋଲିବା ପରେ ସେଥିରେ ପ୍ରଥମେ କିଛି ମାଛ ଟ୍ରେ ରଖାଯାଇ ପରେ ବିପୁଳ ପରିମାଣର ଗୋ ମାଂସ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ଅଭିଯୁକ୍ତ ଦ୍ୱୟ ଓ କଣ୍ଟେନରକୁ ଥାନାକୁ ନେଇଥିଲା। ପଚରାଉଚରା କରିବାରୁ ସେମାନେ ଉକ୍ତ ଗୋ ମାଂସକୁ ନରସିଂହପୁରର ଚମ୍ପେଶ୍ୱର ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୩୩୭/୨୩) ରୁଜୁ ହୋଇଛି। କିଛିଦିନ ହେବ ବିଭିନ୍ନ ଅଞ୍ଚଳରୁ ଏଭଳି ଭାବେ ଗୋରୁ ଓ ଗୋ ମାଂସ ଚୋରା ଚାଲାଣ କରାଯାଉଥିବାବେଳେ ପୋଲିସ କିଭଳି ଟେର୍ ପାଉନାହିଁ ବୋଲି କଟକ ଜିଲା ବଜରଙ୍ଗ ଦଳର ସଂଯୋଜକ ଅସିତ୍ କୁମାର ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ଜବତ ଗୋମାଂସକୁ ସ୍ଥାନୀୟ ଜଙ୍ଗଲରେ ପୋତାଯାଇଛି। ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନିଆଯିବ।

# ଶୋଭାଯାତ୍ରାରେ ଡେଙ୍ଗୁ ସଚେତନତା



ସିଏମ୍‌ସି ୨୪ ନଂ ୱାର୍ଡରେ ଡେଙ୍ଗୁ ସଚେତନତା ଶୋଭାଯାତ୍ରା।

କଟକ,୧୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)
କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୪ନଂ. ୱାର୍ଡରେ ସୋମବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧକ୍ଷା ଦୀପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୱାର୍ଡର ସମସ୍ତ ଘର ଘର ବୁଲି ସଚେତନ କରାଯିବା ସହ ଡାକବାଜି ଯନ୍ତ୍ର ଓ ଲିଫ୍‌ଲେଟ୍ ବାଣ୍ଟି ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜୀବିତା ରାୟ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ୍ତ ମହାପାତ୍ର , ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

## ୧୦ ପଞ୍ଚାୟତରେ ଖୋଲିବ ବ୍ୟାଙ୍କ ଶାଖା

କଟକ ସଦର,୧୦।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୧୦ଟି ପଞ୍ଚାୟତରେ ଜାତୀୟକରଣ ବ୍ୟାଙ୍କ ଶାଖା ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ପଞ୍ଚାୟତଗୁଡିକ ହେଲା ଗତିରାଉତ ପାଟଣା, ଆୟଉପୁର, ଯଶପଡ଼ା, ଅରିଲୋ, ବୋଧପୁର, ପ୍ରହରାଜପୁର, କୂଳ ସରିଦ୍ଧୁଆଁ, ଦଧିବାମନପୁର, ବ୍ରହ୍ମପୁର ଓ ଖାରକଟା। ପ୍ରଥମେ ଏହି ବ୍ୟାଙ୍କ ପଞ୍ଚାୟତ କାର୍ଯ୍ୟାଳୟ ନିକଟ କୌଣସି ଗୃହରେ ଚାଲିବ। ଅସ୍ଥାୟୀ ଗୃହର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରତି ପଞ୍ଚାୟତକୁ ୨୦ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିଛନ୍ତି। ଅନେକ ପଞ୍ଚାୟତରେ ଗୋଦାମ ଗୃହକୁ ରୂପାନ୍ତରିକରଣ କରାଯାଉଥିବାବେଳେ ଅନ୍ୟ ପଞ୍ଚାୟତର ରାଜୀବ ସେବା କେନ୍ଦ୍ର ଗୃହରେ ବ୍ୟାଙ୍କ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ପରବର୍ତ୍ତି ସମୟରେ ଏହି ସବୁ ପଞ୍ଚାୟତରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ନାବାର୍ଡ ପକ୍ଷରୁ ୭ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଛି। ରାଜ୍ୟ ସରକାର ଏଥିପାଇଁ ଜାଗା ଯୋଗାଇ ଦେବେ ବୋଲି ଜଣାପଡିଛି।

# ୩ ଦିନ ବିତିଲା, ଭାଇରାଲ ଭିଡିଓର ତଦନ୍ତ ହେଲାନି

କଟକ ସଦର,୧୦।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ ମାଷ୍ଟର ବୁକ୍ କିପର(ଏମ୍‌ବିକେ) ଓ କ୍ଲଷ୍ଟର ରିସୋର୍ସ ପର୍ସନ(ସିଆର୍‌ପି)ମାନେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ସହଯୋଗ କରିବା ଉପରେ ଶପଥ ସମ୍ବଳିତ ଭିଡିଓ ସୋସିଆଲ ମିଡ଼ିଆରେ ଶୁକ୍ରବାର ଭାଇରାଲ ହୋଇଥିଲା। ଏନେଇ ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ଅଶୋକ କୁମାର ସାହୁ ଓ ଦେବୀ ପ୍ରସାଦ ପତି ପ୍ରମୁଖ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ନିକଟରେ ଅଭିଯୋଗ କରିଥିଲେ। ଛୁଟି ଥିବାରୁ ସୋମବାର ଏହା ଉପରେ ତଦନ୍ତ କରାଯିବ ବୋଲି ବିଡିଓ ପରିଡ଼ା ଆଶ୍ୱାସନା ଦେଇ ଏପରି ଶପଥ ବେତନଭୋଗୀ ସମ୍ପୃକ୍ତ ମହିଳାମାନଙ୍କ ପାଇଁ ଠିକ୍ ନୁହେଁ ବୋଲି କହିଥିଲେ। ହେଲେ ସୋମବାର ସନ୍ଧ୍ୟା ସୁଦ୍ଧା କୌଣସି ତଦନ୍ତ କରା ନ ଯିବାରୁ ଏହାର ପ୍ରତିବାଦରେ ପରିଷଦ ପକ୍ଷରୁ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତଦନ୍ତ କରି ସମ୍ପୃକ୍ତ ମହିଳାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ରରେ ଉଲେଖଳ ରହିଛି। କେନ୍ଦ୍ର ସରକାର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେଇ ମାସିକ ଦରମା ପ୍ରଦାନ କରୁଛନ୍ତି। ଅଥଚ ଏହି କର୍ମଚାରୀମାନେ ନିଜର ମୂଳ ଦାୟିତ୍ୱ ନ ତୁଲାଇ ଏକ ରାଜନୈତିକ ଦଳର ହାତବାରିସି ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି। ଭିଡିଓରେ କେତେଜଣ ମହିଳା କର୍ମଚାରୀ ବିଧାୟକଙ୍କୁ ବିରୋଧ ନ କରି ସମସ୍ତ ପ୍ରକାରର ସାହାଯ୍ୟ, ସହଯୋଗ କରିବାର ଶପଥ ନେଉଥିବା ଦେଖିବାକୁ ମିଳିଛି। ହେଲେ ଏହି ଭିଡିଓକୁ ଏଡିଟ୍ କରି ତାଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର କରାଯାଇଥିବା ବିଧାୟକ ବେହେରା କହିଛନ୍ତି। ଏ ନେଇ ବିଡିଓ ପରିଡାଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ଅନିଚ୍ଛା ପ୍ରକାଶ କଲେ।

# ଜଳବନ୍ଦୀ ସମସ୍ୟା ଦୂର ପାଇଁ ଗୁରୁତ୍ୱ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

### ୧୭ ସେକ୍ଟର ଅଫିସରଙ୍କୁ ନେଇ ଟିମ୍ ଗଠିତ

କଟକ,୧୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ସାମ୍ଭାବ୍ୟ ବାତ୍ୟା, ବନ୍ୟା ଓ ବର୍ଷାଜନିତ ଜଳବନ୍ଦୀର ମୁକାବିଲା ପାଇଁ ସୋମବାର ଚୌଧୁରୀବଜାରସ୍ଥିତ ବିଜୁଭବନରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପୌରୋହିତ୍ୟ କରି ଆଗାମୀ ଦିନରେ ବର୍ଷା ଦାଉରୁ ସହରକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ବର୍ଷା ଯୋଗୁ ସହରର ଜଳବନ୍ଦୀ ସମସ୍ୟାକୁ ସହଜରେ ସମାଧାନ କରିବା ଉପରେ କମିଶନର ଗୁରୁତ୍ୱାରୋପ କରିଥିଲେ। ସେହିପରି ବୈଠକରେ ପଙ୍କୋଦ୍ଧାର କାର୍ଯ୍ୟର ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ସତର୍କ ରହିବା ପାଇଁ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।
ସହରର ସମ୍ବେଦନଶୀଳ ସ୍ଥାନଗୁଡିକ ଚିହ୍ନଟ କରି ପମ୍ପ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ପ୍ରତିଦିନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବାତ୍ୟା ମୁକାବିଲା ପାଇଁ ସହରରେ ଚିହ୍ନଟ କରାଯାଇଥିବା ୯୯ଟି ସ୍କୁଲ ପରିଦର୍ଶନ କରି ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ କମିଶନର ଅଧିକାରୀମାନଙ୍କୁ ସତର୍କ କରାଇଦେଇଥିଲେ। ବିଶେଷକରି ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାଇକ୍ରୋ ପ୍ଲାନ୍ ଉପରେ ଆଲୋଚନା କରାଯାଇଥିଲା। ସିଏମ୍‌ସିର ୫୯ଟି ୱାର୍ଡ ପାଇଁ ୧୭ ଜଣଙ୍କୁ ସେକ୍ଟରାଲ ଅଫିସର ଭାବେ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ତୃଣମୂଳ ସ୍ତରରେ ସେମାନେ ମାଇକ୍ରୋ ଟିମ୍ ଗଠନ କରି ଦାୟିତ୍ୱ କିପରି ନିର୍ବାହ କରୁଛନ୍ତି ସେ ସମ୍ପର୍କରେ ତଦାରଖ କରିବାକୁ ଆଦେଶ ଦିଆଯାଇଥିଲା । ବିକାଶ ଭବନରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ବିଦ୍ୟାଳୟରେ ବନ ମହୋତ୍ସବ

ଚୌଦ୍ୱାର,୧୦।୭(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ବିଆଇପିଏଫ୍ ସ୍କୁଲରେ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି । ସ୍କୁଲ ଅଧକ୍ଷ ନୀହାର ରଞ୍ଜନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଫୁଲ, ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମଶ୍ରୀ ପତି ବନ ମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ଲାକାର୍ଡ ପ୍ରଦର୍ଶନ, ପୋଷ୍ଟର ପ୍ରସ୍ତୁତି ଓ ଚିତ୍ରାଙ୍କନ କରାଯାଇଥିଲା। ଶିକ୍ଷୟିତ୍ରୀ ଶେଫାଳୀ ସାସମଲ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର



କଟକ,୧୦।୭ (କାର୍ତ୍ତିକ ସାହୁ)

ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଜଗତପୁରସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆସରକୁ ଆଇନଜୀବୀ ପତିତପାବନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ସଭାପତି ଚୈତନ୍ୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ଯୋଗଦେଇ ସାହିତ୍ୟ ଜଗତରେ ନୂତନ ପିଢ଼ି ସୃଷ୍ଟି କରିବାରେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ଉଦାହରଣ ହୋଇଛି ବୋଲି କହିଥିଲେ। କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଶୃନି ଦାଶ, ଅମୂଲ୍ୟ କୁମାର ବେହେରା, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ସୁରେନ୍ଦ୍ର ଜେନା, ମହେନ୍ଦ୍ର କୁମାର ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଆଦିତ୍ୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଛବିରାମ ସେଠୀ ଧନ୍ୟବାଦ ଦେଇଥିଲେ।

# ଧବଳେଶ୍ୱରଙ୍କୁ ଜଳ ଲାଗି କଲେ ବୋଲବମ୍ ଭକ୍ତ

ଖୁଣ୍ଟୁଣୀ, ୧୦।୭ (ସଚ୍ଚିଦାନନ୍ଦ ପଣ୍ଡା)

ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ରବିବାର ରାତି ସାଢେ ୧ଟାରେ ମନ୍ଦିର ପହୁଡ଼ ଖୋଲାଯିବା ପରେ ନୀତି ପାଳିଆ ତ୍ରିଲୋଚନ ପତ୍ରି ଓ ପୂଜକମାନେ ଠାକୁରଙ୍କ ନୀତିକାନ୍ତି ଶେଷ କରି ବଲ୍ଲଭ ଭୋଗ କରିଥିଲେ। ଏହାପରେ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ସାଢେ ୨ଟାରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ପରେ ବହୁସଂଖ୍ୟକ ବୋଲ୍‌ବମ୍ ଭକ୍ତ ବ୍ୟାରିକେଡ୍ ମଧ୍ୟରେ ଆସି ମନ୍ଦିର ବାହାର ମୁଖଶାଳାରେ କରାଯାଇଥିବା ମହାପ୍ରଭୁଙ୍କ ଲିଙ୍ଗ ଉପରେ ଜଳଲାଗି କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଗୁରୁଡିଝାଟିଆ ପୋଲିସ ପକ୍ଷରୁ ୪ ସେକ୍ସନ ଫୋର୍ସ ବ୍ୟବସ୍ଥା କରାଯାଇଥିଲା। ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ ଓ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଆଠଗଡ଼ ଉପଜିଲାପାଳ ଦୀପ୍ତିମୟୀ ବେହେରା ଓ ଦେବୋତ୍ତର ସୁପରଭାଇଜର ଭବାନୀ ପଣ୍ଡା ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ଓ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ସବୁ ବ୍ୟବସ୍ଥାର ତଦାରଖ ପାଇଁ ନୂତନ ଏସ୍‌ପି ମିହିର କୁମାର ପଣ୍ଡା ଓ ଅତିରିକ୍ତ ଏସ୍‌ପି ପି.କେ.ପଟ୍ଟନାୟକ ପୀଠରେ ଉପସ୍ଥିତ ଥିଲେ।


ଶ୍ରାବଣ ମାସର ପ୍ରଥମ ସୋମବାରରେ ଭକ୍ତମାନେ ଧବଳେଶ୍ୱରଙ୍କୁ ଜଳଲାଗି କରୁଛନ୍ତି।

# ୧୬ ପ୍ରକଳ୍ପ ପାଇଁ ବ୍ୟୟ ହେବ ୩୩.୨୮ କୋଟି

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ)/ମଙ୍ଗୁଳି-ଜଗତପୁର,୧୦।୭(ମାନସ ସାମଲ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ବିଭିନ୍ନ ୱାର୍ଡରେ ୧୬ଟି ନୂଆ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯାଇଛି। ମେୟର ସୁବାସ ସିଂଙ୍କ ନେତୃତ୍ୱରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ୧୦ ଓ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ୬ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ୭ଟି ସ୍ମାର୍ଟ ଲାଇବ୍ରେରୀ, ୩ଟି ଅତ୍ୟାଧୁନିକ ବସ୍‌ଷ୍ଟପ ଓ ୩ଟି ବାୟୋ ଟୟଲେଟ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ବିଧାୟକ ମହମ୍ମଦ ମୋକିମ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ବିଜେଡି ନେତା ରଞ୍ଜନ ବିଶ୍ୱାଳ, ସିଏମ୍‌ସି ଅଧିକାରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।
ପୂର୍ବାହ୍ନରେ ପ୍ରଥମେ ବାରବାଟୀ ଷ୍ଟାଡିୟମ ନିକଟରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ସେଥିମଧ୍ୟରେ ୬ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଫୁଡକୋର୍ଟ, ୩୭ ଲକ୍ଷ ବ୍ୟୟରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଓ ସ୍ମାର୍ଟ ବାୟୋ ଟୟଲେଟ୍ ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେହିପରି ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ମହାନଦୀର ମଧୁସୂଦନ ସେତୁ ଉପରେ ଏଲ୍‌ଇଡି ଲାଇଟ୍ ଲଗାଯିବ। ବିଜୁ ପଟ୍ଟନାୟକ ପାର୍କ ନିକଟ ସିଡିଏ-୧୨ରେ ସ୍ମାର୍ଟ ବସ୍‌ଷ୍ଟପ୍ ସହ ଏକ କ୍ୟୁଟ୍ ବସ୍‌ଷ୍ଟପ୍ ନିର୍ମାଣ କରାଯିବ। ଏଥିସହ ବାୟୋ ଟୟଲେଟ୍, ସ୍ମାର୍ଟ ଲାଇବ୍ରେରୀ ସହ ରିଂରୋଡର ଆଲୋକୀକରଣ ପାଇଁ ୨ କୋଟି ଟଙ୍କା ବ୍ୟୟ କରାଯିବ। ଏତଦ୍‌ବ୍ୟତୀତ କୃଷକ ବଜାର ନିକଟରେ ସ୍ମାର୍ଟ ଲାଇବ୍ରେରୀ ସହ ୱିଣ୍ଡସର ପ୍ୟାଲେସ ନିକଟରେ ସ୍ମାର୍ଟ ବସ୍‌ଷ୍ଟପ, ବାୟୋ ଟୟଲେଟ୍,



ବାରବାଟୀ ଫୁଡ୍ କୋର୍ଟ ନିର୍ମାଣ ପାଇଁ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ସିଏମ୍‌ସି ପକ୍ଷରୁ ଶିଳାନ୍ୟାସ

ତୁଳସୀପୁର ପୋଲିସ ହାଇସ୍କୁଲଠାରେ ୧ କୋଟି ଟଙ୍କା ବ୍ୟୟରେ ଶିକ୍ଷକ ନାରାୟଣ ପତିଙ୍କ ନାମରେ ଏକ ବ୍ଲକ ପ୍ରତିଷ୍ଠା କରାଯିବ। ସେହିପରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଦାମବାଡ଼ି-ମଧୁପାଟଣାରେ ଫୁଟପାଥ ନିର୍ମାଣ ପାଇଁ ୪ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏଥିସହ ନିମପୁର, ଲକ୍ଷ୍ମଣପୁର ମୁସଲିମ୍ ସାହି ଓ ତରୋଳ ଆଦିବାସୀ ସାହିରେ ୭୫ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ କରାଯାଇ ସ୍ମାର୍ଟ ଲାଇବ୍ରେରୀ ନିର୍ମାଣ କରାଯିବ। ନୂଆବଜାର ଫ୍ଲାଏ ଓଭରବ୍ରିଜ୍‌ଠାରୁ ପିଏଚ୍‌ଡି ଅଫିସ ନିକଟ ମୋ' ବସ୍‌ଷ୍ଟପ୍ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ ଓ ଭେଣ୍ଡିଂଜୋନ୍, ଖେଳପଡିଆ, ପାର୍କିଂ ଜୋନ୍, ବସ୍‌ଷ୍ଟପ୍ ଅଞ୍ଚଳର ଉନ୍ନତୀକରଣ ପଇଁ ୮ କୋଟି ୫୦ ଲକ୍ଷ ବ୍ୟୟ କରାଯିବ। ସେହିପରି ପୋତାପୋଖରୀ ନିକଟରେ ସ୍ମାର୍ଟ ଲାଇବ୍ରେରୀ ନିର୍ମାଣ ପାଇଁ ୭୫ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୭।୨୦୨୩

| | |
|---|---|
| ୫,୪୧,୪୦୬ ଟଙ୍କା | |
| ସୁନା | ୨.୫୦୦ ଗ୍ରାମ୍ |
| ରୁପା | ୪୬.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ହୋଇନି ସ୍ୱତନ୍ତ୍ର ର୍ୟାମ୍ପ୍ ବ୍ୟବସ୍ଥା

**ହଇରାଣ ହେଉଛନ୍ତି ଦିବ୍ୟାଙ୍ଗ ଶ୍ରଦ୍ଧାଳୁ**

- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା
- ପିଠିଆ ବ୍ୟବସ୍ଥା କରାଯାଉ: ବିନାୟକ



ପୁରୀ,୧୦।୭(ଅଜିତ ମହାନ୍ତି)

ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିବାରେ ହଇରାଣ ହେଉଛନ୍ତି। ସେମାନଙ୍କ ଲାଗି ସ୍ୱତନ୍ତ୍ର ର୍ୟାମ୍ପ୍ ନିର୍ମାଣ କରାଯିବାକୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ୨୦୨୨ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଚିଠି ଲେଖିଥିଲେ। ତେବେ ଏହି ପ୍ରସଙ୍ଗକୁ ସେତେବେଳେ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଏପରିକି ଗତବର୍ଷ ଏ ସଂକ୍ରାନ୍ତରେ ଆଗତ ଆବେଦନର ବିଚାର କରି ହାଇକୋର୍ଟ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତାହା ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ସମ୍ପୃକ୍ତ ଆବେଦନକାରୀ ଜିତେନ୍ଦ୍ର ବିଶ୍ୱାଳ ଅଦାଲତ ଅବମାନନା ଅଭିଯୋଗ ଆଣି ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚଳିତ ମାସ ୭ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳଙ୍କୁ ନୋଟିସ ଜାରି କରିବା ସହ ୭ଦିନ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ୍ ନିର୍ମାଣ ପ୍ରସଙ୍ଗ ପୁନର୍ବାର ଆଲୋଚନା ପରିସରକୁ ଆସିଛି।

ସୂଚନା ଅନୁଯାୟୀ, ଉତ୍ତର ଦ୍ୱାର ଓ ଘଣ୍ଟି ଦ୍ୱାରରେ ର୍ୟାମ୍ପ୍ ବ୍ୟବସ୍ଥା ରହିଛି। ମାତ୍ର କେତେକ ତ୍ରୁଟି ଯୋଗୁ ଏହି ର୍ୟାମ୍ପ୍ ଦେଇ ହୁଇଲ ଚେୟାରରେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଯାଇପାରୁନାହାନ୍ତି। ସେମାନଙ୍କୁ ସେମାନଙ୍କ ସମ୍ପର୍କୀୟ କିମ୍ବା ସ୍ୱେଚ୍ଛାସେବୀମାନେ କାନ୍ଧରେ ବସାଇ ନେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନର ଦୂରଦୃଷ୍ଟିର ଅଭାବ ଏବଂ ସେବାୟତଙ୍କ ସହ ବିନା ଆଲୋଚନାରେ ର୍ୟାମ୍ପ ନିର୍ମାଣ କରାଯିବାରୁ ଠିକ୍ ଭାବେ ସେବା ମିଳିପାରୁନାହିଁ ବୋଲି କୁହାଯାଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଉତ୍ତରଦ୍ୱାରଠାରୁ ଆନନ୍ଦ ବଜାର ଓ କୀର୍ତ୍ତନ ଚକଡ଼ା ଦେଇ ଘଣ୍ଟିଦ୍ୱାର ପର୍ଯ୍ୟନ୍ତ ର୍ୟାମ୍ପ୍ ବ୍ୟବସ୍ଥା କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୧ ନଭେମ୍ବରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାର୍କିଙ୍ଗସ୍ଥଳଠାରୁ ଇ-ଅଟୋ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ମାତ୍ର ର୍ୟାମ୍ପ୍ ସୁବିଧା ନ ଥିବାରୁ ମହାପ୍ରଭୁଙ୍କୁ ଦର୍ଶନ କରିବାରେ ସେମାନଙ୍କ ପାଇଁ ସମସ୍ୟା ଉପୁଜୁଛି। ୨୦୨୨ ଡିସେମ୍ବର ୧୫ରେ ଏନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଫଳରେ ଏହି ଦାବି ପୁଣି ଜୋର୍ ଧରିଥିଲା। ନୂତନ ର୍ୟାମ୍ପ ନିର୍ମାଣ ହେବ ବୋଲି ଆଶା କରାଯାଉଥିଲା, ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନ ଚୁପ୍ ବସିପଡ଼ିଲା। ଏସଂକ୍ରାନ୍ତରେ ଜିତେନ୍ଦ୍ର ବିଶ୍ୱାଳ ଗତବର୍ଷ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲାପାଳ ମିଳିତ ଭାବେ ଏକ ଆଇନ ସମ୍ମତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଆବେଦନକାରୀ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ମାସକ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ପୁଣି ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆବେଦନକାରୀ ବିଶ୍ୱାଳ ସମ୍ପ୍ରତି ଦ୍ୱିତୀୟ ଥର ପାଇଁ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ହାଇକୋର୍ଟ ଏ ନେଇ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳଙ୍କୁ ନୋଟିସ ଜାରି କରି ୭ଦିନ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଦିବ୍ୟାଙ୍ଗ ଭକ୍ତମାନେ ସ୍ୱାଗତ କରିଛନ୍ତି। ସିଦ୍ଧାର୍ଥ ଦାସ ଓ ସସ୍ମିତା ପ୍ରଧାନ କହିଛନ୍ତି, ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପକ୍ଷରୁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ର୍ୟାମ୍ପ ସୁବିଧା ନାହିଁ। ଫଳରେ ହଇରାଣ ହେବାକୁ ପଡୁଛି। ତେଣୁ ଖୁବଶୀଘ୍ର ର୍ୟାମ୍ପ୍ ନିର୍ମାଣ କରାଯାଉ। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମୁଖ୍ୟତଃ ମହାପ୍ରଭୁଙ୍କ ସକାଳ ଧୂପ କିମ୍ବା ମଧ୍ୟାହ୍ନ ଧୂପ ସମୟରେ ଜୟବିଜୟ ଦ୍ୱାର ନିକଟରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉ। ସେହିପରି ପିଠିଆ ବ୍ୟବସ୍ଥା ହେଲେ ଦିବ୍ୟାଙ୍ଗମାନେ ସୁବିଧାରେ ଦର୍ଶନ କରିପାରିବେ। ଯେଉଁ ଦିବ୍ୟାଙ୍ଗଙ୍କର ଲୋକବଳ କିମ୍ବା ଅର୍ଥବଳ ନ ଥିବ ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବା ଉଚିତ ବୋଲି ଦାସମହାପାତ୍ର କହିଛନ୍ତି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସଡ଼କ ଦୁର୍ଘଟଣାରେ ଖବରଦାତା ଗୁରୁତର

ପିପିଲି,୧୦।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ଅଞ୍ଚଳର ଜଣେ ଖବରଦାତା ସୋମବାର ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବର ଅନୁଯାୟୀ, ପିପିଲି ଏନ୍ଏସିର ୮ନଂ. ଓ୍ୱାର୍ଡର ବାସିନ୍ଦା ତଥା ଖବରଦାତା ପ୍ରଫୁଲ୍ଲ କୁମାର ସାହୁ ନିଜ ସ୍କୁଟି ଯୋଗେ ସକାଳ ପ୍ରାତଃ ଭ୍ରମଣରେ ଯାଉଥିଲେ। ହେଲେ ପିପିଲି-ଜଟଣୀ ରାସ୍ତାର ଜୟପୁର ଛକ ନିକଟରେ ଗାଡ଼ି ଆଗକୁ ଏକ ଛେଳି ଆସିଯିବାରୁ ପ୍ରଫୁଲ୍ଲ ଗାଡ଼ିରୁ ଛିଟିକି ତଳେ ପଡ଼ିଥିଲେ। ଫଳରେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ପ୍ରାଥମିକ ଚିକିତ୍ସା ବେଳେ ବାମପାର୍ଶ୍ୱ କାନ ଓ ନାକରେ ଆଘାତ ଜୋରରେ ହୋଇ ଅବସ୍ଥା ସଂକଟାପନ୍ନ ହେବାରୁ ପ୍ରଫୁଲ୍ଲଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ସ୍ଥାନୀୟ ଅଞ୍ଚଳର କେତେଜଣ ଖବରଦାତା, ଯୁବଗୋଷ୍ଠୀଙ୍କ ସମେତ ସ୍ଥାନୀୟ ଲୋକ ତାଙ୍କୁ ଦେଖା କରିବାକୁ ଯିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

## ସଂକ୍ଷେପରେ

### ଓସ୍ତପୁରରେ ମଦ, ନିଶା କାରବାର ରୋକିବାକୁ ଦାବି

କାକଟପୁର,୧୦।୭(ଶୁଭଦର୍ଶନ ମିଶ୍ର)- କାକଟପୁର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମଟି ଏକ ଜନବହୁଳ ବସତି ଶିକ୍ଷିତ ପରିବେଶରେ ଗଢ଼ି ଉଠିଥିବାବେଳେ ଏଠାରେ କେତେକ କୁଖ୍ୟାତ ଚୋରା ନିଶା ବେପାରୀ କାହାକୁ ଭୟ ନକରି ଦୀର୍ଘ ଦିନ ଧରି ସକାଳ ଠାରୁ ଦ୍ୱିପ୍ରହର ଓ ରାତି ପାହିବା ପର୍ଯ୍ୟନ୍ତ ଚୋରା ନକଲି ଦେଶୀ ବିଦେଶୀ ମଦ ସହିତ ଧଳା ଜହର ଅବାଧ ରେ ଖୁଲମ୍‌ଖୁଲା ବିକ୍ରି କରୁଛନ୍ତି। ଗତ କିଛିଦିନ ତଳେ କେତେକ ଚୋରା ମଦବେପାରୀ ପୋଲିସ ଦ୍ୱାରା ଧରା ହୋଇ ଜେଲ ଯାଇଥିବାବେଳେ, ଜେଲରୁ ମୁକୁଳି ଆସି ଏହି ବେପାରକୁ ଆପଣେଇଛନ୍ତି। ଗ୍ରାମ ମଝିରେ ବିଦ୍ୟାଳୟ, ମନ୍ଦିର ଓ ଆଖ ପାଖରେ ବିଭିନ୍ନ ଧର୍ମାନୁଷ୍ଠାନର ବୈଠକ ଗୃହ ଥିଲାବେଳେ ତାର ଆଖ ପାଖରେ ମଦମାଫିଆମାନେ ଛୋଟ ମୋଟ, ପାନ ଦୋକାନ, ତେଜରାତି ଦୋକାନ, ବିଭିନ୍ନ ଭେରାଇଟି ଷ୍ଟୋର ନାମକୁ ମାତ୍ର ଖୋଲି ସେଥିରେ ଖୋଲାଖୋଲି ନିଶା କାରବାର କରୁଛନ୍ତି। ଗ୍ରାମବାସୀ ପ୍ରତିବାଦ କଲେ ତାଙ୍କୁ ବିଭିନ୍ନ ଧମକ ଦେଉଛନ୍ତି। ମଦୁଆଙ୍କ ଭୟରେ ଛୋଟ ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବାକୁ ଭୟ କରୁଛନ୍ତି। ସନ୍ଧ୍ୟା ହେଲେ ପିଲା, ଝିଅ, ମହିଳାମାନେ ଗାଁରେ ରାସ୍ତାରେ ଯିବାକୁ ନିରାପଦ ମଣୁନାହାନ୍ତି। ଏପରିକି ଝିଅ ବୋହୂମାନେ ମନ୍ଦିରକୁ ଯିବା ସମୟରେ ବିଭିନ୍ନ ଅଶାଳୀନ ବ୍ୟବହାରର ଶିକାର ହେଉଛନ୍ତି। ତୁରନ୍ତ ପୁରୀ ଜିଲା ଅବକାରୀ ଅଧୀକ୍ଷକ, ସ୍ଥାନୀୟ ପୋଲିସ ଏ ଦିଗରେ ଦୃଷ୍ଟି ଦେଇ ଚୋରା ମଦ, ନିଶା କାରବାରକୁ ରୋକିବା ସହ ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଛଉନୃତ୍ୟ ପାଇଁ ଜାତୀୟ ମେଧାବୃତ୍ତି ପାଇବେ ମୁସ୍କାନ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ): ସାଂସ୍କୃତିକ କଳା କ୍ଷେତ୍ରରେ ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ପାଇଁ ଜାତୀୟ ମେଧାବୃତ୍ତି ତାଲିକା ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ଲୋକନୃତ୍ୟ ନିମିତ୍ତ ନୃତ୍ୟଶିଳ୍ପୀମାନେ କଲଚରାଲ ଟାଲେଣ୍ଟ ସର୍ଚ୍ଚ ସ୍କଲାରଶିପ୍ ସ୍କିମ ଦ୍ୱାରା ଶ୍ରେଷ୍ଠ ପ୍ରତିଭାମାନେ ଚୟନ ହୋଇଛନ୍ତି। ଏହି ମେଧାବୃତ୍ତି ତାଲିକାରେ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଶିଳ୍ପୀ ସ୍ଥାନ ପାଇଥିବା ସ୍ଥଳେ ଖୋର୍ଦ୍ଧା ସାନପଦର ଗ୍ରାମର ସୁଶ୍ରୀ ମୁସ୍କାନ୍ ନାୟକ ୨୦୨୧-୨୨ ମସିହା ପାଇଁ ଛଉ ନୃତ୍ୟ କ୍ଷେତ୍ରରେ ଜାତୀୟ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସବିତାଙ୍କ ଝିଅ ମୁସ୍କାନ୍ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ନିକେତନର ଛାତ୍ରୀ। ସିସିଆରଟି ପକ୍ଷରୁ ଗୁରୁ ଅଚିନ୍ତ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ଛଉ ନୃତ୍ୟ ଶିକ୍ଷା କରୁଛନ୍ତି।




ରୋଟାରୀ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ୨୩ତମ ଅନୁଷ୍ଠାନ ଉତ୍ସବରେ ଅତିଥିମାନେ କ୍ଲବ୍‌ର ମୁଖପତ୍ର 'ପୁରୁଷୋତ୍ତମ'କୁ ଉନ୍ମୋଚନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର)

## ରୋଟାରୀ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ଅଧିଷ୍ଠାନ ଉତ୍ସବ

ପୁରୀ,୧୦।୭(ଅଜିତ ମହାନ୍ତି)

ରୋଟାରୀ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ୨୩ତମ ଅନୁଷ୍ଠାନ ଉତ୍ସବ ସୋମବାର ଏକ ହୋଟେଲ ପରିସରରେ ପାଳନ କରାଯାଇଛି। ୨୦୨୨-୨୩ତମ କ୍ଲବ୍ ସଭାପତି ବିଭୁଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨୦୨୫-୨୬ ବର୍ଷର ରୋଟାରୀ ଜିଲା ଗଭର୍ନର ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ନର ଯୁଧିଷ୍ଠିର ଲେଙ୍କା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗତବର୍ଷର ସମ୍ପାଦକ ବନ୍ଦିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ବିଗତ ବର୍ଷର ସଭାପତି ମିଶ୍ର ଓ ସମ୍ପାଦିକା ସାହୁ ନୂତନ ସଭାପତି ଦେବଦତ୍ତ ଷଡଙ୍ଗୀ ଏବଂ ସମ୍ପାଦକ ପୀତାମ୍ବର ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ବୋର୍ଡର ନିର୍ଦ୍ଦେଶକମାନେ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତଙ୍କୁ ପିନ୍ ପ୍ରଦାନ କରାଯାଇଥିଲା। ରୋଟାରିଆନ୍ ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ କ୍ଲବ୍‌ର ମୁଖପତ୍ର 'ପୁରୁଷୋତ୍ତମ'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ କୈଳାସ ଚନ୍ଦ୍ର ବେହେରା, ଅଜିତ୍ ରାୟ, ପ୍ରଭୁଦତ୍ତ ସୁବୁଦ୍ଧି, ମନମୋହନ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ପୁଲକ ମହାନ୍ତି, ମେଜର ଆର୍ତ୍ତତ୍ରାଣ ଲେଙ୍କା, ସୌମେନ୍ଦ୍ର ମୁଦୁଲି, ନିରଞ୍ଜନ ଦାସ, ରବିନାରାୟଣ ଖୁଣ୍ଟିଆ, ଦେବରାଜ ପ୍ରଧାନ ଏବଂ ରାଜକିଶୋର ପାତ୍ର ପରିଚାଳନା କରିଥିଲେ।

## ରେଳଷ୍ଟେଶନ ପରିଦର୍ଶନ କଲା ଯାତ୍ରୀ ସୁବିଧା ସମିତି ଟିମ୍

ପୁରୀ, ୧୦।୭(ଅଜିତ୍ ମହାନ୍ତି):

ରେଳ ବିଭାଗ ସର୍ବଭାରତୀୟ ଯାତ୍ରୀ ସୁବିଧା ସମିତିର ଏକ ଟିମ୍ ସୋମବାର ପୁରୀ ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି କମିଟିରେ ଓଡ଼ିଶାର ଦିଲ୍ଲୀପ ମଲ୍ଲିକ, ପଶ୍ଚିମବଙ୍ଗର ଅଭିଜିତ, ଆସାମର ବିଚିତ୍ର ନାରାୟଣ ତଲିତା ରହିଥିଲେ। ଯାତ୍ରୀଙ୍କ ସୁରକ୍ଷା, ସୁବିଧା ଏବଂ କ'ଣ ସବୁ ଆବଶ୍ୟକତା ରହିଛି, ସେ ବିଷୟରେ ଏହି କମିଟି ବୁଝିଥିବାବେଳେ ରେଳବୋର୍ଡକୁ ଅବଗତ କରାଇବ। ଏହି ଟିମ୍ ଡିଆର୍ଏମ୍ ଏବଂ ଏଡିଆର୍ଏମ୍‌ଙ୍କୁ ଭେଟି ବିଭିନ୍ନ ପ୍ରସ୍ତାବ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ରେଳ ବିକାଶ ଧାରାରେ ପୁରୀକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ସେହିପରି ପୁରୀରୁ ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ହୋଇଥିବାରୁ ପୁରୀକୁ ଲକ୍ଷାଧିକ ଯାତ୍ରୀଙ୍କ ଆଗମନ ହୋଇଥାଏ। ତେଣୁ ଯାତ୍ରୀମାନେ କିପରି ଅଧିକ ସୁବିଧା ଓ ସୁରକ୍ଷା ପାଇପାରିବେ ସେନେଇ କମିଟି ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିଛି। ପୁରୀରେ ଚାଲିଥିବା ୧୬୧ କୋଟିର ରେଳ ବିକାଶ କାମକୁ ମଧ୍ୟ କମିଟି ଅନୁଧ୍ୟାନ କରିଛି। ଟିମ୍ ସଦସ୍ୟ ଦିଲ୍ଲୀପ ମଲ୍ଲିକ କହିଛନ୍ତି, ପୁରୀ ରେଳଷ୍ଟେଶନର ବିକାଶ କାମ ଚାଲିଛି। ଏଠାରେ ଯାତ୍ରୀଙ୍କ ନିମନ୍ତେ ଥିବା ସୁବିଧା ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କମିଟି ରେଳ ବୋର୍ଡକୁ ବିଭିନ୍ନ ପ୍ରସ୍ତାବ ଦେବ। ଏନେଇ ଡିଆର୍ଏମ୍ ଏବଂ ଏଡିଆର୍ଏମ୍‌ଙ୍କ ସହ ଆଲୋଚନା କରାଯିବ। ଯାତ୍ରୀଙ୍କୁ ଯେପରି ଅଧିକରୁ ଅଧିକ ସୁବିଧା ଯୋଗାଇ ଦିଆଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ।

## ଖବରଦାତାଙ୍କୁ ୩ ଯୁବକଙ୍କ ମରଣାନ୍ତକ ଆକ୍ରମଣ

କୋଣାର୍କ,୧୦।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଞ୍ଚଳର ଜଣେ ଖବରଦାତାଙ୍କୁ ୩ଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ଅଚାନକ ମରଣାନ୍ତକ ଆକ୍ରମଣ କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୫୧/୨୩) ରୁଜୁକରି ତଦନ୍ତ ଜାରି ରଖିବା ସହ ଖୁବ୍‌ଶୀଘ୍ର ଆସାମୀମାନଙ୍କୁ ଧରାଯିବ ବୋଲି ଆଇଆଇସି ପଞ୍ଚାନନ ପରିଡ଼ା ପ୍ରକାଶ କରିଛନ୍ତି। ଖବର ଅନୁଯାୟୀ, କୋଣାର୍କର ଖବରଦାତା ଦୁର୍ଗାପ୍ରସାଦ ମହାପାତ୍ର ରବିବାର ସନ୍ଧ୍ୟାରେ ନିଜର କୌଣସି ଏକ କାର୍ଯ୍ୟରେ କୋଣାର୍କ ବସଷ୍ଟାଣ୍ଡରୁ ରିଙ୍ଗ ରୋଡ୍ ଯାଇଥିବା ରାସ୍ତାରେ ଥିବା ଗୁରୁକୃପା ଲଜ୍ ସମ୍ମୁଖରେ ଛିଡା ହୋଇ ତାଙ୍କର ଜଣେ ବନ୍ଧୁଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଚାନକ ଏକ ମୋଟର ସାଇକେଲ ଓଆର ୦୨ ଜେଡ୍ ୬୬୦୯ରେ ୨ ଯୁବକ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପଳାଇଥିଲେ। ପରେ କିଛି ମୁହୂର୍ତ୍ତରେ ପୁଣି ଏକ ମୋଟର ସାଇକେଲରେ ୩ଜଣ ଅଚିହ୍ନା ଯୁବକ ଆସି ସେଠାରେ ପହଞ୍ଚି ଖବରଦାତା ମହାପାତ୍ରଙ୍କୁ ପଥର ଓ ଇଟା ଫୋପାଡ଼ି ଗୁରୁତର ଭାବେ ଆହତ କରି ସେଠାରୁ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଗୁରୁତର ଭାବେ ଆହତ ହୋଇଥିବା ଦୁର୍ଗାପ୍ରସାଦଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି କୋଣାର୍କ ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ଗୋପ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବିଭିନ୍ନ ଲଜର୍ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛି। ନିକଟରେ ଥିବା ଲଜ ଗୁଡ଼ିକର ସିସିଟିଭି କ୍ୟାମେରାରେ ସମସ୍ତ ଦୃଶ୍ୟ ରେକର୍ଡ ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି। ଆକ୍ରମଣ ଘଟଣାକୁ ବିଭିନ୍ନ ସଂଗଠନ ତଥା କୋଣାର୍କ ମିଡିଆ ଫୋରମ, କୋଣାର୍କ ସାମ୍ବାଦିକ ସଙ୍ଘ, କୋଣାର୍କ ପ୍ରେସକ୍ଲବ ପକ୍ଷରୁ ନିନ୍ଦା କରାଯିବା ସହ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ହୋଇଛି।

## ବଟି ମାଗି ଯୁବକ ଗିରଫ, ଛୁରି ଜବତ

ପୁରୀ,୧୦।୭(ଅଜିତ୍ ମହାନ୍ତି)

ମାରଣାସ୍ତ୍ର ଦେଖାଇ ଜବରଦସ୍ତ ଲୋକଙ୍କଠାରୁ ଟଙ୍କା ଛଡ଼ାଇବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲାର ଆକାଶ ମଲ୍ଲିକ (୨୬)। ଏ ନେଇ ପୋଲିସ ନଂ. ୧୧୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଆକାଶଙ୍କଠାରୁ ଗୋଟିଏ ଛୁରି ଏବଂ ନଗଦ ୨୦୦ ଟଙ୍କା ଜବତ କରିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ଅଭିଯୁକ୍ତ ଜଣଙ୍କ ଛୁରି ଦେଖାଇ ହୁଲୁହୁଲିଆ ବ୍ରିଜ ନିକଟରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ।

## ଚଳଚ୍ଚିତ୍ରରେ ଜାତିଆଣ ଆକ୍ଷେପକୁ ବିରୋଧ



ଜାତୀୟ ଦଳିତ ଆଦିବାସୀ ମାଇନୋରଟି ମହାସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ପିପିଲି,୧୦।୭(ପ୍ରଭାତ ମହାପାତ୍ର)

ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ରେ ଏକ ଅଣ ସାମ୍ବିଧାନିକ ଶବ୍ଦ ବ୍ୟବହାରକୁ ବିରୋଧ କରି ସୋମବାର ପିପିଲିର ଏକ କଲ୍ୟାଣ ମଣ୍ଡପରେ ଜାତୀୟ ଦଳିତ ଆଦିବାସୀ ମାଇନୋରଟି ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରିଛି। ଚଳଚ୍ଚିତ୍ର ମୁଖ୍ୟ ନାୟିକା ଓ ନାୟକଙ୍କ ମଧ୍ୟରେ ଏକ ସଂଳାପରେ ହରିଜନ ଜାତିକୁ ଅବମାନନା କରାଯାଇଥିବା ଦର୍ଶାଇ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ପରେ ଚଳଚ୍ଚିତ୍ରର ନିର୍ମାତାଙ୍କ ସମେତ ୪ଜଣଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀ ସଭାରେ ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ଉତ୍କଳ ଦଳିତ ଆଦିବାସୀ ମହାସଂଘ ସଭାପତି ରବି ନାରାୟଣ ନାୟକ, ଭୀମ ଆର୍ମିରେ ଖୋର୍ଦ୍ଧା ଜିଲା ସଭାପତି ଦୀପକ ଭୋଇ, ପିପିଲି ବ୍ଲକ ସଭାପତି ବାବୁନା ବେହେରା, ସମ୍ପାଦକ ହେମନ୍ତ ବେହେରା, ଡେଲାଙ୍ଗ ବ୍ଲକ ଦଳିତ ମହାସଂଘ ସଭାନେତ୍ରୀ ଗୀତାରାଣୀ ମଲ୍ଲିକ, ନିମାପଡ଼ା ବ୍ଲକ ସଭାନେତ୍ରୀ ମିନତି ମଲ୍ଲିକ, ସତ୍ୟବାଦୀ ବ୍ଲକ ସଭାନେତ୍ରୀ ମମତା ବେହେରା ପ୍ରମୁଖ ଯୋଗଦେଇ ଚଳଚ୍ଚିତ୍ରର ନିର୍ମାତା ତଥା ପ୍ରଯୋଜିକା, ନିର୍ଦ୍ଦେଶକ ଓ ମୁଖ୍ୟ ନାୟିକାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଗିରଫ ପାଇଁ ଦାବି କରିଥିଲେ। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କୌଣସିଠାରେ ହରିଜନ ଶବ୍ଦ ପ୍ରୟୋଗ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଥିବାବେଳେ ମାତ୍ର ଏହି ଚଳଚ୍ଚିତ୍ରରେ ଏକ ସଂଳାପ ହରିଜନ ସମୁଦାୟର ମର୍ଯ୍ୟାଦାହାନି କରୁଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। କେବଳ ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ଅଭିଯୁକ୍ତ କ୍ଷମା ପ୍ରାର୍ଥନା କଲେ କିମ୍ବା ଚଳଚ୍ଚିତ୍ରକୁ ବନ୍ଦ କରିଦେଲେ ଚଳିବ ନାହିଁ ବରଂ ସମସ୍ତେ ଉପଯୁକ୍ତ ଫୋରମରେ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଦଳିତ ମହାସଂଘ ପକ୍ଷରୁ ଦାବି କରିଛି। ନଚେତ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ। ଏଥିପାଇଁ ଚଳଚ୍ଚିତ୍ର ନିର୍ମାତା ନିର୍ଦ୍ଦେଶକ ଓ ଅନ୍ୟମାନେ ଦାୟୀ ରହିବେ ବୋଲି ଦଳିତ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ନୂତନ ସଂଘ ଗଠିତ

ଡେଲାଙ୍ଗ,୧୦।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଅବସରପ୍ରାପ୍ତ ଶିକ୍ଷକଙ୍କୁ ନେଇ ରବିବାର ନୂତନ ସଂଘ ଗଠନ କରାଯାଇଛି। ଡେଲାଙ୍ଗ ହାଟ ବଜାରସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ଗୃହ ପରିସରରେ ଆୟୋଜିତ ଏହି ସଭାରେ ଶିକ୍ଷକ ସଂଘର ସଭାପତି ଦିଗମ୍ବର ରଥ ସଭାପତିତ୍ୱ କରିଥିଲେ। ସଭାରେ ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ନାୟକ, ନମିତା ଦେବୀ, ବିଜୟଲକ୍ଷ୍ମୀ ବିଶୋଇ, ଉଦୟନାଥ ମେଣ୍ଟା, ସୁବାସ ତ୍ରିପାଠୀ, ବାନାମ୍ବର ପ୍ରଧାନ, ଦାମୋଦର ଲେଙ୍କା, କୈଳାସ ରଥ, ନିରଞ୍ଜନ ସାହୁ ପ୍ରମୁଖଙ୍କ ସହିତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସହିତ ଅନ୍ୟାନ୍ୟ ଦାବିଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ଏହି ସଂଘର ଆଭିମୁଖ୍ୟ ବୋଲି ସଭାପତି ରଥ ମତବ୍ୟକ୍ତ କରିଥିଲେ। ସଂଘର ନୂତନ ସଭାପତି ରୂପେ ପ୍ରହ୍ଲାଦ ସ୍ୱାଇଁ ଓ ଉପସଭାପତି ରୂପେ ଗୋଲକ ବିହାରୀ ବରାଳଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଓ କୋଷାଧ୍ୟକ୍ଷ ରୂପେ ଅନନ୍ତ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା ଓ ଜିଲା ସଂଘର ସଭ୍ୟ ରୂପେ ମିଟୁ କିଶୋର ପ୍ରଧାନ ମନୋନୀତ ହୋଇଥିଲେ। ସଂଘର ଉପଦେଷ୍ଟା ରୂପେ ପ୍ରଦୀପ ସ୍ୱାଇଁ, ମାଧବାନନ୍ଦ ରଣସିଂ, ଦୁର୍ଯ୍ୟୋଧନ ସାହୁ ଓ ପ୍ରତିମା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ୨୦୦୬ ମସିହାରୁ ଆର୍ଏସିପି ପ୍ରଦାନ ସହ ୭୦ ବର୍ଷରେ ୧୦ ପ୍ରତିଶତ ପେନ୍ସନ ବୃଦ୍ଧି ପାଇଁ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।



ସଭାରେ ଯୋଗ ଦେଇଥିବା ଅବସରପ୍ରାପ୍ତ ଶିକ୍ଷକମାନେ ।

## ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ ନେଇ ଚିନ୍ତା

**ଦରଦାମ୍ ଆକାଶଛୁଆଁ**

ପିପିଲି,୧୦।୭(ଦୁର୍ଗାମାଧବ ମିଶ୍ର)

ରାଜ୍ୟ ସରକାର ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। କିନ୍ତୁ ବର୍ତ୍ତମାନ ବଜାରରେ ପନିପରିବା ଦାମ ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମିଲ୍ ଦରରେ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ଭବ ହେବ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଲାଣି। ଏହାକୁ ନେଇ ପିପିଲି ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି। ଗତ କିଛିଦିନ ହେବ ରନ୍ଧନ ଗ୍ୟାସ, ଡାଲି, ସୋରିଷ ତେଲ, ଅଦା, ପରିବା, ଅଣ୍ଡା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ମଧ୍ୟାହ୍ନ ଭୋଜନ ଲାଗି ସରକାରଙ୍କ ପକ୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଲାଗି ଜଣକ ପିଛା ୫ ଟଙ୍କା ୯୦ ପଇସା ଓ ଚାଉଳ ମୁଣ୍ଡ ପିଛା ୧୦୦ଗ୍ରାମ ଧାର୍ଯ୍ୟ କରିଛନ୍ତି। ସେହିଭଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ମୁଣ୍ଡ ପିଛା ୮ ଟଙ୍କା ୮୨ ପଇସା ଓ ଚାଉଳ ମୁଣ୍ଡ ପିଛା ୧୫୦ ଗ୍ରାମ ଧାର୍ଯ୍ୟ କରାଯାଇଛି। ସୋମବାର, ଗୁରୁବାର ଭାତ ସହ ଡାଲମା, ମଙ୍ଗଳବାର, ଶୁକ୍ରବାର ଭାତ ସହ ସୋୟାବିନ ତରକାରି, ବୁଧବାର ଓ ଶନିବାର ଭାତ ସହ ଅଣ୍ଡା ତରକାରି ଦେବା ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ଉପସ୍ଥାନକୁ ବଢ଼ାଇ ନ ଦେଖାଇଲେ ସରକାରୀ ଧାର୍ଯ୍ୟ ଦରରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇପାରିବୁ ନାହିଁ ବୋଲି ପିପିଲି ବ୍ଲକ ଅଞ୍ଚଳର କେତେଜଣ ଶିକ୍ଷକ କହିଛନ୍ତି। ସ୍କୁଲରେ ଯଦି ଠିକ୍ ମାନଦଣ୍ଡ ଅନୁଯାୟୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଏ, ତେବେ ମୁଣ୍ଡପିଛା ଖର୍ଚ୍ଚ ପ୍ରାୟ ୧୦ ଟଙ୍କାରୁ ଉର୍ଦ୍ଧ୍ୱ ଛୁଇଁବ ବୋଲି ଆଲୋଚନା ହେଉଛି। ଯାହା ସରକାରୀ ଧାର୍ଯ୍ୟଠାରୁ ବହୁତ ଅଧିକ। ସରକାରୀ ଧାର୍ଯ୍ୟ ଦରରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଅସମ୍ଭବ। ତଥାପି ମଧ୍ୟାହ୍ନ ଭୋଜନ ଦିଆ ହେଉଛି ବୋଲି କିଛି ବିଦ୍ୟାଳୟର ଶିକ୍ଷକମାନେ କହିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମଧ୍ୟାହ୍ନ ଭୋଜନର ଦରବୃଦ୍ଧି କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନନ୍ଦ କୁହନ୍ତି, ଏଭଳି ସମସ୍ୟା ପ୍ରତି ଅବଗତ ଅଛି। ଏଥିପ୍ରତି ବିଭାଗୀୟ ସ୍ତରରେ ଆଲୋଚନା କରାଯାଇ ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଯିବ ବୋଲି କହିଛନ୍ତି।



ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

## ସଂକ୍ଷେପରେ

### ଚୋରି ମାମଲାରେ ନାବାଳକ ସମେତ ୬ ଧରାପଡ଼ିଲେ

ଭୁବନେଶ୍ୱର,୧୦।୭ (ସୂର୍ଯ୍ୟକାନ୍ତ ବେହେରା): ଦୀର୍ଘଦିନ ଧରି ବନ୍ଦ ରହିଥିବା ଏକ ଅଫିସ ଘରର ଝରକା ତାଡି ଚୋରି ମାମଲାର ପର୍ଦ୍ଦାଫାସ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। ଘଟଣାରେ ସଂପୃକ୍ତ ୬ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଏମାନଙ୍କ ମଧ୍ୟରୁ ୩ଜଣ ନାବାଳକ ଥିବା ଜଣାପଡିଛି। ତେବେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ଗିରଫ ୩ ଅଭିଯୁକ୍ତ ହେଲେ ବିହାରର ସୁବୋଧ କୁମାର ଦାସ, ଧଉଳି ଅଞ୍ଚଳର ରାହୁଲ ଭୋଇ ଓ ସ୍ଥାନୀୟ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଅଜୁ ଦାସ। ଏମାନଙ୍କ ହେପାଜତରୁ ୩ ଟିଭି, ଗୋଟିଏ ବାଇକ୍, ୨ କମ୍ପ୍ୟୁଟର ମନିଟର ସହ ବହୁ ଇଲେକ୍ଟ୍ରୋନିକ୍ସ ଜିନିଷ ଜବତ ହୋଇଛି। ସୂଚନାନୁସାରେ, ଗତ ୧୮ ତାରିଖ ରାତିରେ ସ୍ଥାନୀୟ ଥାନା ଅନ୍ତର୍ଗତ ଜୟଦୁର୍ଗା ନଗର ଅଞ୍ଚଳରେ ଥିବା ଏକ ଅଫିସ ଘରୁ ଧରାପଡିଥିବା ୬ ଅଭିଯୁକ୍ତ ଘରର ଝରକା ତାଡି କମ୍ପ୍ୟୁଟର, ସିସିଟିଭି ସମେତ ବହୁ ମୂଲ୍ୟବାନ ଜିନିଷ ନେଇଯାଇଥିଲେ। ଏନେଇ ଅଫିସ୍‌ର କର୍ମଚାରୀ ଗୌତମ ଦାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ବଟି ମାଗି ଯୁବକ ଗିରଫ, ଛୁରି ଜବତ

ପୁରୀ,୧୦।୭(ଅଜିତ୍ ମହାନ୍ତି): ମାରଣାସ୍ତ୍ର ଦେଖାଇ ଜବରଦସ୍ତ ଲୋକଙ୍କଠାରୁ ଟଙ୍କା ଛଡାଇବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ଅଞ୍ଚଳର ଆକାଶ ମଲ୍ଲିକ (୨୬)। ଏ ନେଇ ପୋଲିସ ନଂ. ୧୧୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଆକାଶଠାରୁ ଗୋଟିଏ ଛୁରି ଏବଂ ନଗଦ ୨୦୦ ଟଙ୍କା ଜବତ କରିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ଅଭିଯୁକ୍ତ ଜଣଙ୍କ ଛୁରି ଦେଖାଇ ହୁଲୁହୁଲିଆ ବ୍ରିଜ ନିକଟରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା ପରେ ଗିରଫ କରିଛି।

### ଭାଗବତ କଥାମୃତ

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ): ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀ ଚୈତନ୍ୟ ବିହାରଠାରେ ସପ୍ତାହବ୍ୟାପୀ ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀପାଦ ଭକ୍ତି ବିଳାସ ମହାରାଜ ଯୋଗଦେଇ ଦୈନିକ ଘରେ ଭାଗବତ ପାଠ ଲାଗି ପରାମର୍ଶ ଦେଇଥିଲେ। ଭକ୍ତି ଓ ସମର୍ପଣ ଦ୍ୱାରା ଈଶ୍ୱର ପ୍ରାପ୍ତି ହୋଇଥାଏ। ଭାଗବତ ପାଠ ମୋକ୍ଷପ୍ରାପ୍ତିର ମାର୍ଗ ପ୍ରଶସ୍ତି କରେ ବୋଲି ମହାରାଜ କହିଥିଲେ। ଶ୍ରୀପାଦ ସାଧୁ ବାବା, ଅନନ୍ତ ହରିହର ଦାସ, ବ୍ରଜ ବାବା, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ, ଶିକ୍ଷାବିତ୍ ଜଗଦୀଶ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଳସିଂଙ୍କ ସମେତ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ, ପଣ୍ଡିତ ଜିତେନ୍ଦ୍ରୀୟ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତୋଷାମଦ କଲେ ଜାତିର ଗୌରବ ନଷ୍ଟ ହୁଏ: ବିଶ୍ୱଭୂଷଣ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ଟାଙ୍ଗୀ, ୧୦।୭ (ରଘୁନାଥ ସାହୁ)



ସମାରୋହରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

## କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ୬୮ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ୬୮ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଚିଲିକାର ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ହରିଚନ୍ଦନ କହିଥିଲେ, ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ। ସେମାନଙ୍କୁ ଉଚିତ ଶିକ୍ଷା ଦିଆ ନ ଗଲେ ସେମାନେ ସେମାନଙ୍କର ପୂର୍ବପୁରୁଷ, ପୂର୍ବଗୌରବ, ଜାତିର ପରମ୍ପରା, ନୀତି, ଅନୀତି ବିଷୟରେ ଜାଣିପାରିବେ ନାହିଁ। ବିଦ୍ୟାଳୟରେ ପିଲାମାନେ କେବଳ ପାଠ୍ୟପୁସ୍ତକ ଭିତ୍ତିକ ଶିକ୍ଷା ନୁହେଁ ବରଂ ଭୌତିକ, ବୈଦିକ, ନୈତିକ ଆଦି ବିଷୟରେ ଜ୍ଞାନ ଆହରଣ କରିଥାନ୍ତି। ସେମାନେ ବିଦ୍ୟାଳୟରୁ ଯେତେବେଳେ ଶିକ୍ଷା ସମାପ୍ତ କରିଥାନ୍ତି ସେତେବେଳେ ଦେଶକୁ ପ୍ରଗତି ଦିଗରେ ଆଗେଇ ନେବା ପାଇଁ ପ୍ରତିବଦ୍ଧ ହୋଇ ଠିଆହୁଅନ୍ତୁ। ସେ ଆହୁରି କହିଥିଲେ ଯେ, ମାତୃଭୂମି, ମାତୃଭାଷା ଓ ଜାତିର ସ୍ୱାଭିମାନକୁ ଅବଦମିତ କରିବାକୁ ଦିଅନାହିଁ। ତୋଷାମଦ କରିବା ଓଡ଼ିଆ ଜାତିର ପରମ୍ପରା ନୁହେଁ। ତୋଷାମଦ କରି କୌଣସି ଜାତି ଆଜି ପର୍ଯ୍ୟନ୍ତ ବଡ଼ ହୋଇନାହିଁ। ତେଣୁ ତୋଷାମଦ କଲେ ଏ ଜାତି, ଏ ଦେଶର ଗୌରବ ସମ୍ପୂର୍ଣ୍ଣଭାବେ ନଷ୍ଟ ହୁଏ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ଖୋର୍ଦ୍ଧା ମାଟି ଏକ ଗୌରବର ମାଟି, ଏକ ବୀର ଜାତିର ମାଟି। ଏହି ମାଟିରୁ ଆରମ୍ଭ ହୋଇଥିଲା ଇଂରେଜମାନଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ମାଟିର ବୀରମାନେ ଗଣସଂଗ୍ରାମ କରି ଇଂରେଜମାନଙ୍କୁ ପରାଭୂତ କରିପାରିଥିଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଦୀର୍ଘ ୮ବର୍ଷ ଧରି ପାଇକମାନେ ସଂଗ୍ରାମ କରି ଏ ବୀରଜାତିକୁ ଆହୁରି ଗୌରବାନ୍ୱିତ କରିଛନ୍ତି। ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅନ୍ୟତମ ସ୍ୱାଧୀନତା ସଂଗ୍ରାମର ପରିଚୟ ଦେଇ ଜାତୀୟସ୍ତରରେ ଓଡ଼ିଆବୀରମାନଙ୍କୁ କେବଳ ଗୌରବ ନୁହେଁ ଓଡ଼ିଶାକୁ ପ୍ରାଧାନ୍ୟ ଦେଇଥିବା ରାଜ୍ୟପାଳ କହିଛନ୍ତି। ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ କେନ୍ଦ୍ର ସରକାରଙ୍କର ସବୁ ପ୍ରକାର ସହଯୋଗ ସତ୍ତ୍ୱେ କାର୍ଯ୍ୟ ଆଗେଇ ପାରି ନ ଥିବାରୁ ରାଜ୍ୟପାଳ ଦୁଃଖ ପ୍ରକାଶ କରିଥିଲେ। ସମାରୋହରେ ବହୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସ୍ୱାଇଁ ବିବରଣୀ ପାଠ ଓ ପୁରାତନ ଛାତ୍ର ସଂସଦ ସମ୍ପାଦକ ସନ୍ତୋଷ ଜେନା ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ଅଗ୍ନିଶମ ଅଧିକାରୀଙ୍କୁ ୩ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧୦।୭ (ସୂର୍ଯ୍ୟକାନ୍ତ ବେହେରା)

### ଲାଞ୍ଚ କାରବାର ମାମଲାର ରାୟ

ଖୋର୍ଦ୍ଧା ଜିଲା ବେଗୁନିଆ ଅଗ୍ନିଶମ କେନ୍ଦ୍ରର ପୂର୍ବତନ ଅଧିକାରୀ ବ୍ରଜବନ୍ଧୁ ସେଠୀଙ୍କୁ ଏକ ଲାଞ୍ଚ କାରବାର ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ଏହି ମାମଲାର ତଦନ୍ତ ତତ୍କାଳୀନ ନିରୀକ୍ଷକ ଲଳିତା ପରିଡା କରୁଥିଲାବେଳେ ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ ସ୍ୱାଇଁ ଏହାର ପରିଚାଳନା କରୁଥିଲେ। ଅପରପକ୍ଷେ ବ୍ରଜବନ୍ଧୁ ପାଉଥିବା ପେନସନ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିଶ୍ କରାଯାଇଥିବା ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ବ୍ୟାଙ୍କ ଋଣ କରି ଏକ ଟ୍ରାକ୍ଟର କିଣିଥିଲେ। ତେବେ ୨୦୧୩ରେ ଅଗ୍ନିକାଣ୍ଡରେ ଟ୍ରାକ୍ଟରଟି କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିପୂରଣ ପାଇବା ଲାଗି ସମ୍ପୃକ୍ତ ବ୍ୟକ୍ତି ଆବେଦନ କରିବାକୁ ଅଗ୍ନିଶମ ବିଭାଗର ରିପୋର୍ଟରେ ଆବଶ୍ୟକତା ଥିଲା। କ୍ଷୟକ୍ଷତି ସମ୍ପର୍କିତ ବିବରଣୀ ଦେବା ଲାଗି ତତ୍କାଳୀନ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବ୍ରଜବନ୍ଧୁ ସେଠୀ ଅର୍ଥ ଦାବି କରିଥିଲେ। ଏନେଇ ସମ୍ପୃକ୍ତ ଆବେଦନକାରୀ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଶ୍ରୀ ସେଠୀ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ



ଯାଁଳା,୧୦।୭ (ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଅଙ୍ଗନୱାଡି କେନ୍ଦ୍ରରେ ୬ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ନେଇ ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୋଟ୍ ୬୨ ଜଣ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା। ଅତିଥିଭାବେ ଯାଁଳା କୃଷ୍ଣଚନ୍ଦ୍ର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ଦାଶ, ଅଙ୍ଗନୱାଡି କେନ୍ଦ୍ରର ସଭାପତି ଭାଗ୍ୟଧର ପ୍ରଧାନ, ୱାର୍ଡମେମ୍ବର ମଧୁସ୍ମିତା ସେଠୀ, ଗୌରୀ ଦେଈ, ଆଶାକର୍ମୀ ଆରୁଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଶିଶୁମାନଙ୍କର ମା'ମାନେ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କଳ୍ପନା ଦାଶ ଓ ସହାୟିକା ପାଲେଇ ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଖବରଦାତା ଗୁରୁତର

ପିପିଲି,୧୦।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ଅଞ୍ଚଳର ଖବରଦାତା ପ୍ରଫୁଲ୍ଲ କୁମାର ସାହୁ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବର ଅନୁଯାୟୀ, ପ୍ରଫୁଲ୍ଲ ସ୍କୁଟିରେ ପ୍ରାତଃ ଭ୍ରମଣରେ ଯାଉଥିଲେ। ଜୟପୁର ଛକ ନିକଟରେ ଗାଡ଼ି ଆଗକୁ ଏକ ଛେଳି ଆସିଯିବାରୁ ପ୍ରଫୁଲ୍ଲ ଗାଡ଼ିରୁ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।


ସୋମବାର ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା କୋଟପଲା ଗ୍ରାମବାସୀ।

# ରାସ୍ତାରୁ ଅବରୋଧ ହଟାଇବା ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)

ସର୍ବସାଧାରଣ ରାସ୍ତାରୁ ଅବରୋଧ ହଟାଇବା, ଜାତିଆଣ ଆକ୍ଷେପ ସହ ଆକ୍ରମଣ ପ୍ରତିବାଦରେ ସୋମବାର ଜିଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଛନ୍ତି କୋଟପଲା ଗ୍ରାମ ବାସିନ୍ଦା। ଏଥିସହ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ବାଘମାରୀ ଥାନା ଅର୍ନ୍ତଗତ କୋଟପଲା ଗ୍ରାମ ଦଳିତ ସାହିର ଅଧିବାସୀମାନେ ବହୁ କାଳରୁ ବରସାହି ମୌଜାରେ ବସବାସ କରିଆସୁଛନ୍ତି। ତେବେ ଜଣେ ସବର୍ଣ୍ଣ ଜାତିର ବ୍ୟକ୍ତି ସର୍ବସାଧାରଣ ରାସ୍ତାରେ କଣ୍ଟାବାଡ ପକାଇ ଅବରୋଧ କରିଛନ୍ତି।

ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜାତିଆଣ ଆକ୍ଷେପ ସହ ଗାଳି କରୁଛନ୍ତି। ଏପରିକି ମାରଣାସ୍ତ୍ର ଧରି ହତ୍ୟା କରିବାକୁ ଧମକ ଦେଉଛନ୍ତି। ରାସ୍ତା ଅବରୋଧ ଯୋଗୁ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ମୌଖିକ ଭାବେ ସ୍ଥାନୀୟ ପ୍ରତିନିଧି ଏବଂ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଗ୍ରାମର ସୁରଥ ନାୟକ, ବିକ୍ରମ ନାୟକ, ବିପିନ ନାୟକ, ପ୍ରମିଳା ଦେଈ,କୈଳାଶ ନାୟକ, ଶରତ ନାୟକ, ସୁବାସିନୀ ନାୟକ, ଗୌରୀ ନାୟକ, ବାସନ୍ତୀ ଦେଈ, କମଳା ଦେଇ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେବା ବେଳେ ଉପସ୍ଥିତ ଥିଲେ।

# ମନୋରଞ୍ଜନ, ମିନତି, ଗୁନ୍‌ଗୁନ୍, ଅନୁଙ୍କୁ ଉତ୍କଳଶ୍ରୀ ସମ୍ମାନ


ଅଭିନେତ୍ରୀ ଗୁନ୍‌ଗୁନ୍, ଗୁରୁ ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଉଛି।

ପୁରୀ, ୧୦।୭ (ଅଜିତ୍ ମହାନ୍ତି)

ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ପକ୍ଷରୁ ପୁରୀ ସଂସ୍କୃତି ଭବନରେ ଦୁଇଦିନ ବ୍ୟାପୀ ଆୟୋଜିତ 'ଉତ୍କଳଶ୍ରୀ ସମ୍ମାନ-୨୦୨୩' ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ବିଜେଡି ନେତ୍ରୀ ନିବେଦିତା ନାୟକ, ରୋଜାଲିନ୍ ପାଟ୍ଟଶାଣୀ, ଗୁରୁ ବୈକୁଣ୍ଠ ନନ୍ଦ ଏବଂ ପ୍ରଫୁଲ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ କଳା ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଗୁନ୍‌ଗୁନ୍‌ଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନଙ୍କ ସମେତ ଅଭିନେତ୍ରୀ ଗୁନ୍‌ଗୁନ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଗୁରୁ ଅଶୋକ କୁମାର ଦାସ ଓ ଗୁରୁ ସୁରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶକ୍ତି ମିଶ୍ର, ସୁଧାଂଶୁ ରଥ ଏବଂ ବବିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକାମ୍ରରେ ୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୦।୭(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ଟି ୱାର୍ଡରେ ୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ସେଥିମଧ୍ୟରୁ ୱାର୍ଡ ନଂ.୫୬ ରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ କଳ୍ପନା ପାଣିଟାଙ୍କି ବିଜୁ ଆଦର୍ଶ କଲୋନୀର ଗୋଷ୍ଠୀ ଗୃହ ଉନ୍ନତୀକରଣ, ତ୍ରିନାଥ ମଣ୍ଡପର ଉନ୍ନତୀକରଣ, ଅଧେଇଖାଲ ଅରବିନ୍ଦ କଲୋନୀ, ଗଧିଆ ଖାଲ ଗୋଷ୍ଠୀ ଗୃହ ଉନ୍ନତୀକରଣ ଏବଂ ମହିଂସାଖାଲ ବିଜୁ ଆଦର୍ଶ କଲୋନୀ ୟୁଥ୍ କ୍ଲବ, ବଡଗଡ ଉଚ୍ଚ ବିଦ୍ୟାଳୟରେ ପାଚେରି ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ମନ୍ତ୍ରୀ ପଣ୍ଡା କରିଥିଲେ। ସେହିପରି ୱାର୍ଡ ନଂ.୪୪ରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବଡଗଡ ଗ୍ରାମରେ ପ୍ରାୟ ଅଢ଼େଇ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରୁ ବଡଗଡ ଛକଠାରୁ ଗ୍ରାମ ମଧ୍ୟକୁ ପେଭର୍ ବ୍ଲକ୍ ରାସ୍ତା, ପାତ୍ର ସାହି ରାସ୍ତା ଓ କଲଭର୍ଟ, ୱାର୍ଡ ନଂ.୫୭ ରେ ପ୍ରାୟ ଦେଢ଼ କୋଟି ଟଙ୍କାରେ ପାଣ୍ଡବ ଗୁମ୍ଫା, ସରସ୍ୱତୀ ଶିଶୁ ମନ୍ଦିର, ଇବି ଅଞ୍ଚଳ ଆଦିରେ ରାସ୍ତା ଓ ନାଳର ମଧ୍ୟ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, କର୍ପୋରେଟର କେ ଶାନ୍ତି, ବିରଞ୍ଚି ନାରାୟଣ ମହାସୁପକର, ଅଜିତ ବେହେରା, ସନ୍ତୋଷ ସିଂ, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ଅଶୋକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମେଟ୍ରୋ ରେଲ୍‌ର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ




- ଡିଏମ୍‌ଆର୍‌ସି ବିଶେଷଜ୍ଞଙ୍କ ଦ୍ୱାରା ଡିପିଆର୍ ପ୍ରସ୍ତୁତ
- ୮ ହଜାର କୋଟି ଟଙ୍କା ଖର୍ଚ୍ଚ ଆକଳନ

ଭୁବନେଶ୍ୱର,୧୦।୭(ଅଭିଜିତ ଦାସ)

ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ (ଡିଏମ୍‌ଆର୍‌ସି)ର ବିଶେଷଜ୍ଞମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚି ପ୍ରଥମିକ ପର୍ଯ୍ୟାୟର ସର୍ଭେ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଡିଏମ୍‌ଆର୍‌ସି ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ଡିପିଆର୍ (ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତି ଦାୟିତ୍ୱ ନେଇଛି। ଏବେ ଏହି ବିଶେଷଜ୍ଞ ଦଳ ପକ୍ଷରୁ ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ କାମ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ରିଶୂଳିଆରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ପ୍ରତି ୧ କିଲୋମିଟର ଦୂରତାରେ ମୃତ୍ତିକା ପରୀକ୍ଷଣ (ସଏଲ ଟେଷ୍ଟିଂ) କରାଯିବ। ଫଳରେ ମୃତ୍ତିକାର କେଉଁ ସ୍ତରରେ ପଥର ଅଛି ତାହା ଜଣାପଡ଼ିବ। ଅନ୍ୟପକ୍ଷରେ ସଏଲ୍ ବିଅରିଂ କାପାସିଟି କେତେ ଅଛି ତାହା ମାଟି ନମୁନା ପରୀକ୍ଷଣରୁ ସ୍ପଷ୍ଟ ହେବ। ମେଟ୍ରୋର ଅଣ୍ଡରଗ୍ରାଉଣ୍ଡ ପଥ ଲାଗି ଯେଉଁ ପିଲାର୍ (ଖମ୍ବ) ନିର୍ମାଣ କରାଯିବ ତା'ର ଫାଉଣ୍ଡେଶନ ଡିଜାଇନ କିଭଳି ହେବ ସେ ସମ୍ପର୍କିତ ବିବରଣୀ ମୃତ୍ତିକା ପରୀକ୍ଷଣ ଅନୁସନ୍ଧାନ (ସଏଲ ଟେଷ୍ଟିଂ ଇନ୍‌ଭେଷ୍ଟିଗେଶନ୍) ରିପୋର୍ଟରୁ ଜଣାପଡ଼ିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଲ୍ ଲାଗି ଡିପିଆର୍ ପ୍ରସ୍ତୁତି ଚାଲିଛି। ଭୁବନେଶ୍ୱରର ଅନ୍ୟ ଅଞ୍ଚଳକୁ ରୁଟ୍ ସହ ଯୋଡ଼ିବା ଏବଂ ଖୋର୍ଦ୍ଧା, ପୁରୀକୁ ଚାଲିବାକୁ ଥିବା ମେଟ୍ରୋ ଲାଗି ସମସ୍ତ ପ୍ଲାନ ଡିଏମ୍‌ଆର୍‌ସି ପ୍ରସ୍ତୁତ କରୁଛି। ବର୍ତ୍ତମାନର ଯୋଜନା ଅନୁଯାୟୀ ବିମାନବନ୍ଦରରୁ ତ୍ରିଶୂଳିଆ ଯାଏ ୨୫ କିମି ଟ୍ରଙ୍କ ରୁଟ୍‌ରେ ୪୫୦ ସ୍ପାନ୍ ତିଆରି କରାଯାଉଛି। ବିମାନବନ୍ଦର, ମାଷ୍ଟରକ୍ୟାଣ୍ଟିନ, ବାଣୀବିହାର, ଜୟଦେବବିହାର, ଚନ୍ଦ୍ରଶେଖରପୁର, ପଟିଆ, ରଘୁନାଥପୁର ଓ ନନ୍ଦନକାନନ ରୁଟ୍ ଦେଇ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଲ୍ ଯାତ୍ରା କରିବ। ପ୍ରତି ୫୦ ମିଟର ଦୂରତାରେ ଗୋଟିଏ ଲେଖାଏ ସ୍ପାନ୍ ନିର୍ମାଣ କରାଯିବ। ଟ୍ରଙ୍କ ରୁଟ୍‌ରେ ପ୍ରାୟ ୮ରୁ ୧୦ଟି ମେଟ୍ରୋ ଷ୍ଟେଶନ ନିର୍ମାଣ ହେବ। ପ୍ରତି ୧ କିମି ମେଟ୍ରୋ ରୁଟ୍ ନିର୍ମାଣ ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ସମସ୍ତ ପ୍ରକଳ୍ପରେ ପ୍ରାୟ ୮ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଆକଳନରୁ ସୂଚନା ମିଳିଛି।

# ଶୈବପୀଠରେ ଜଳ ଲାଗି କଲେ କାଉଡ଼ିଆ



ମହାଦେବଙ୍କୁ ଜଳଲାଗି କରିବାକୁ ଆସିଥିବା କାଉଡ଼ିଆମାନେ।

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ବୋଲଗଡ଼ (ଦେବବ୍ରତ ହୋତା)/ ନିରାକାରପୁର, ୧୦।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

### ଶ୍ରାବଣ ପ୍ରଥମ ସୋମବାର

ଶ୍ରାବଣ ମାସ ପ୍ରଥମ ସୋମବାର ପାଇଁ ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ରହିଥିଲା। ଗୁରୁଜଙ୍ଗର ଧବଳେଶ୍ୱର, ଲୋକେଶ୍ୱର, ବାଘମାରୀ ହଟ୍ଟକେଶ୍ୱର ଦେବ, ଗୋଡା ଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ହରିପୁରଶାସନର ପଶ୍ଚିମାଶସ୍ତ, ଡିଆ ପଞ୍ଚାୟତର କପିଳେଶ୍ୱର ଦେବ, ବାଙ୍କୋଇ ତାରେଶ୍ୱର ଦେବ, ସୋମନାଥ ଦେବଙ୍କ ପୀଠରେ କାଉଡ଼ିଆମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ଓଁ ନମଃ ଶିବାୟ ଓ ହର ହର ମହାଦେବରେ କମ୍ପିଥିଲା ଶୈବପୀଠ। ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି କରିବା ପାଇଁ ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ଗବେଷକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ହିନ୍ଦୁ ଧର୍ମରେ ଶ୍ରାବଣ ମାସର ବିଶେଷ ମହତ୍ତ୍ୱ ରହିଛି। ଏହି ମାସରେ ସଙ୍କଳ୍ପ ପୂର୍ବକ କାଉଡିଆମାନେ ସାତ୍ତ୍ୱିକ ଆହାର କରିଥାନ୍ତି। କାଉଡ଼ିଆମାନେ ନଦୀ ତଟରେ ବାଲିରେ ଲିଙ୍ଗ ସ୍ଥାପନ କରି ସଙ୍କଳ୍ପ ପୂର୍ବକ ପୂଜାର୍ଚ୍ଚନା ପରେ ମାଟି କଳସରେ ଅଭିମନ୍ତ୍ରିତ ଜଳ ଧରି ଖାଲି ପାଦରେ ଶୈବ ପୀଠରେ ପହଞ୍ଚି ସେହି ମହାଦେବଙ୍କ ମସ୍ତକରେ ଜଳଲାଗି କରିଥାନ୍ତି। ସେହିପରି ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ କହିଛନ୍ତି, ଚଳିତବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ ଏହାର ବିଶେଷ ମହତ୍ତ୍ୱ ରହିଛି। ସଙ୍କଳ୍ପ ପୂର୍ବକ ମହାଦେବଙ୍କ ମସ୍ତକରେ ଜଳାଭିଷେକ କଲେ ସପରିବାର ଉତ୍ତରୋତ୍ତର ଉନ୍ନତି ସହ ମନୋବାଞ୍ଛିତ ଫଳ ମିଳିଥାଏ ବୋଲି ଲୋକ ବିଶ୍ୱାସ ରହିଛି।

## ସଂକ୍ଷେପରେ

### ପ୍ରତିଭା ସମ୍ମାନ ଉତ୍ସବରେ ୧୧୪ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ମାଣିଆବନ୍ଧ, ୧୦।୭ (ଅଖିଳ କୁମାର ସାହୁ) ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଭା ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି ଚଳିତ ବର୍ଷ ମାଟ୍ରିକରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ଏନ ଏସ ଶକ୍ତିରୁପା ଦ୍ୱିତୀୟ ଶିବ ପ୍ରସାଦ ପ୍ରଧାନ ଓ ତୃତୀୟ ଓମ୍ ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ନାରାୟଣ ପତିଙ୍କ ଅଧକ୍ଷତାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ରାଉତ ଏହାକୁ ସଂଯୋଜନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥିଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ମାଣିଆବନ୍ଧ ସରପଞ୍ଚ ରଶ୍ମିତା ସ୍ୱାଇଁ, ସନ୍ତରାବାଳି ସରପଞ୍ଚ ମିତା ଜେନା, ସାମାଜିକ କର୍ମୀ ସଦାନନ୍ଦ ସ୍ୱାଇଁ, ସୁଶାନ୍ତ ଜେନା, ଶ୍ରୀକାନ୍ତ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କୁ ଭଲ ପଢ଼ିବା ସହ ସୁସ୍ଥ ସମାଜ ଗଠନରେ ସହାୟକ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଫିସ କର୍ମଚାରୀ ଦୀନବନ୍ଧୁ ଦାସ ଏଥିରେ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗଙ୍କୁ ନେଇ ଫ୍ୟାଶନ ଶୋ'

ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ) ନନ୍ଦନକାନନଛକସ୍ଥିତ ଏକ ଘରୋଇ ମଣ୍ଡପରେ ଦିବ୍ୟାଙ୍ଗଙ୍କୁ ନେଇ ରାଜ୍ୟରେ ପ୍ରଥମ ଥର ପାଇଁ ଫ୍ୟାଶନ ଶୋ' ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଟାଇମ ଟୁ ସାଇନ ନାମକ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପିଲା ଶୋ'ରେ ଯୋଗଦେଇ ସେମାନଙ୍କ ପ୍ରତିଭା ଦେଖାଇଥିଲେ। ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଦିବ୍ୟାଙ୍ଗ ମଧ ସାଧାରଣ ଲୋକଙ୍କ ଭଳି ସବୁକ୍ଷେତ୍ରରେ ଭାଗ ନେଇପାରିବେ। ରାଜ୍ୟରେ ଥିବା ଦିବ୍ୟାଙ୍ଗଙ୍କ ମଧରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଅନ୍ୟ ଉପରେ ନିର୍ଭର ନ କରି ନିଜେ ଆତ୍ମନିଭରଶୀଳ ହୋଇପାରିବେ। ସେମାନେ ମଧ ବିଭିନ୍ନ ଫ୍ୟାଶନ ଶୋ'ରେ ସାମିଲ ହୋଇପାରିବେ ସେହି ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପ୍ରଥମ କରି ଏଭଳି ଅଭିନବ ପ୍ରୟାସ କରାଯାଇଛି ବୋଲି ଆୟୋଜକ ଲିନା ନନ୍ଦିତା ପରିଡ଼ା କହିଛନ୍ତି। ଏହି ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ନେଇ ଫ୍ୟାଶନ ଶୋ, ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପିଲାଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜରାଜୀର୍ଣ୍ଣ ଅବସ୍ଥାରେ ବେଲେଶ୍ୱରୀ ସଙ୍ଗୀତ କଳାନିକେତନ

- ପୁନାରୁଦ୍ଧାର ଦାବି
- ୧୯୭୨ରେ ସ୍ଥାପନ ହୋଇଥିଲା
- ଗୃହ ବିପଦସଙ୍କୁଳ ହୋଇପଡ଼ିଛି

ନିଶ୍ଚିନ୍ତକୋଇଲି,୧୦।୭ (ଅଶୋକ କୁମାର ମହାପାତ୍ର):



ନିଶ୍ଚିନ୍ତକୋଇଲିର ସର୍ବପୁରାତନ ନୃତ୍ୟ ଓ ସଙ୍ଗୀତ ବେଲେଶ୍ୱରୀ କଳା ନିକେତନ ଜରାଜୀର୍ଣ୍ଣ ହୋଇ ପଡ଼ିଛି। ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏହି କଳା ନିକେତନରେ ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ହୋଇଥିବାରୁ ଏହା ପାଣିରେ ପଡ଼ିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ନୀଳମଣି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଶ୍ଚିନ୍ତକୋଇଲିରେ ସଙ୍ଗୀତ ଓ କଳାର ବିକାଶ ନିମନ୍ତେ ୧୯୭୨ରେ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ସ୍ଥାପନ କରାଯାଇଥିଲା। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତୀଛାତ୍ର ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ଶିକ୍ଷା କରିବାକୁ ଆସୁଥିଲେ। ଏହି କଳା ନିକେତନରୁ ବହୁ ସଫଳ କଳାକାର ସୃଷ୍ଟି ହୋଇ ରାଜ୍ୟସ୍ତରରେ ବେଶ ସୁନାମ ଅର୍ଜନ କରିଛନ୍ତି। ଏହାର ବିକାଶ ନିମନ୍ତେ ଓ ଗୃହ ନିର୍ମାଣ ପାଇଁ ସରକାର ଲକ୍ଷାଧିକ ଟଙ୍କାର ଅନୁଦାନ ଦେଇଥିଲେ। ସରକାରୀ ଅନୁଦାନରେ ଏହି ଅନୁଷ୍ଠାନ କଳାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ଏହାର ଦାୟିତ୍ୱରେ ଥିବା କେତେଜଣଙ୍କ ଦାୟିତ୍ୱହୀନତା ଓ ମନମୁଖି କାର୍ଯ୍ୟ ଯୋଗୁ କଳା ନିକେତନର ଅବସ୍ଥା ଶୋଚନୀୟ ହୋଇଯାଇଛି। ଏବେ କଳାନିକେତନର ପାଚେରିଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା ବେଳେ ସ୍ଥାୟୀଗୃହକୁ ଲାଗି ଅନ୍ୟ ଏକ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଏବେ ଉଭୟ ଗୃହ ବିପଦ ସଙ୍କୁଳ ହୋଇପଡ଼ିଥିବା ବେଳେ ଅର୍ଦ୍ଧନିର୍ମିତ ଗୃହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ଗୃହର କବାଟ ଝରକା ଓ ଫାଟକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏପରିକି ଗୃହଟି ଏବେ ବିଷାକ୍ତ ସରୀସୃପଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି। ରକ୍ଷଣାବେକ୍ଷଣା ଅଭାବରୁ ଏହି ସର୍ବପୁରାତନ ସଙ୍ଗୀତ କଳା ନିକେତନ ଏକ ରକମ ବନ୍ଦ ହୋଇଯାଇଛି। ଏହା କେବଳ ସରକାରୀ କାଗଜ କଲମରେ ଚାଲୁଥିବା ଜଣାଯାଇଛି। ସରକାରଙ୍କ ତରଫରୁ ଏହି ସର୍ବପୁରାତନ ସଙ୍ଗୀତ କଳାନିକେତନର ପୁନରୁଦ୍ଧାର ନିମନ୍ତେ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି, କଳାବିକାଶ କେନ୍ଦ୍ରର ପୁନୁରଦ୍ଧାର ପାଇଁ ଏପର୍ଯ୍ୟନ୍ତ କୌଣସି ସରକାରୀ ବ୍ୟୟବରାଦ ହୋଇନାହିଁ। ବ୍ୟୟବରାଦ କରାଗଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ବ୍ଲକସ୍ତରୀୟ ବୈଠକ

ମାହାଙ୍ଗା,୧୦।୭(ଯଯାତି ସିଂହ)

**୨୪ରୁ ସାମୂହିକ ଛୁଟି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି**

ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତସ୍ଥିତ ବଣୁଆ ମହାପୁରୁଷ ପୀଠରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଏକ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ଜେନା, ସିଆରସିସି ଅକ୍ଷୟ କୁମାର ସାହୁ, ନୀହାର ରଞ୍ଜନ ସାମଲ, ସତ୍ୟବ୍ରତ ରଥ,ଶିକ୍ଷୟିତ୍ରୀ ମନୋରମା ରାଉତ, ପୂର୍ବତନ ସିଆରସିସି ଅନନ୍ତ ଚରଣ ଭୋଇ, ଶିକ୍ଷକ ପଦ୍ମଲୋଚନ ସାହୁ, ମନୋରଞ୍ଜନ ବାରିକ, ସୁକାନ୍ତ କୁମାର ବେହୁରା, ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୬ ବର୍ଷର ଚୁକ୍ତିଭିତ୍ତିକ ଚାକିରିକୁ ମୂଳ ଚାକିରିରେ ଗଣନା କରିବା, ୬ଟି ଜାତୀୟ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା,ଏଲିମେଣ୍ଟାରୀ ଶିକ୍ଷାରୁ ଠିକା ଶିକ୍ଷକ ଉଚ୍ଛେଦ କରିବା ,୨୮୦୦ ଗ୍ରେଡ୍ ପେ ପ୍ରଦାନ କରିବା ଆଦି ଦାବି ନେଇ ଆସନ୍ତା ୨୪ ତାରିଖରୁ ସାମୂହିକ ଛୁଟି ନେଇ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ସିଆର୍‌ସିସି, ଶିକ୍ଷୟିତ୍ରୀ,ଶିକ୍ଷକମାନେ।

# ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ପଦୋନ୍ନତି ଦେବ ଟାଟା



ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

କଟକ,୧୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

- ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି
- ଖବରଦାତା ସମ୍ମିଳନୀରେ ମେୟରଙ୍କ ସୂଚନା

ବିଦ୍ୟୁତ୍ କମ୍ପାନୀ ଟାଟା ପାୱାର ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ଓ ପଦୋନ୍ନତି ଭଳି ୬ ଦଫା ଦାବିକୁ କମ୍ପାନୀ ସମାଧାନ କରିବ ବୋଲି ସହମତି ପ୍ରକାଶ କରିଛି। ରାଜ୍ୟର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀରେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ କ୍ୟାଡର ପ୍ରକ୍ରିୟା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା, ଉଚ୍ଚ ଶିକ୍ଷିତ ବିଦ୍ୟୁତ୍ ଶ୍ରମିକଙ୍କୁ ଟାଟା ପାୱାରର ଆବଶ୍ୟକ ମୁତାବକ ଉଚ୍ଚ ପଦବୀରେ ସ୍ୱତନ୍ତ୍ର ନିଯୁକ୍ତି, ସମସ୍ତ ଆଇଆଟିଆଇ ପାସ ଓ ଓଡ଼ିଶା ଲାଇସେନ୍ସ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଲାଇସେନ୍ସ ପରୀକ୍ଷାରୁ ଉତ୍ତୀର୍ଣ୍ଣ ବିଦ୍ୟୁତ୍ ଅଣକୁଶଳୀ ଶ୍ରମିକ କର୍ମଚାରୀଙ୍କୁ କୁଶଳୀ ଭାବେ ବିବେଚନା କରିବା, ମିଟର ରିଡର ଭାବେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକମାନେ କୁଶଳୀ ଦରମା ଦେବା ପ୍ରଭୃତି ଦାବିର ସମାଧାନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଉପଦେଷ୍ଟା ପ୍ରଣବ ପ୍ରକାଶ ଦାସଙ୍କ ହସ୍ତକ୍ଷେପ ପରେ ଦୀର୍ଘ ୨୦ବର୍ଷର ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ଟାଟା ପାୱାର ସହମତି ପ୍ରକାଶ କରିଛି ବୋଲି ସୋମବାର ମେୟରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି।

ଆଗକୁ ରାଜ୍ୟରେ କାର୍ଯ୍ୟରତ ମିଟର ରିଡରମାନେ ଏଣିକି କୁଶଳୀ ଶ୍ରମିକ ଭାବେ ବିବେଚିତ ହେବେ। ବିଦ୍ୟୁତ୍ ବଣ୍ଟନ ବିଭାଗରେ କାର୍ଯ୍ୟରତ ପ୍ରତ୍ୟେକ ଶ୍ରମିକମାନେ ଏଣିକି ଏହି ବିଭାଗର ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ ପେଟ୍ରୋଲ ବାବଦ ଅର୍ଥକୁ ବିଭାଗ ନିଜେ ବହନ କରିବ। ବୈଠକରେ ଟାଟା ପାୱାର ସିଇଓ ଅରବିନ୍ଦ ସିଂଙ୍କ ସହିତ ମହାସଂଘ ଉପଦେଷ୍ଟା ଦାସ ଓ ସଭାପତି ତଥା ମେୟର ସୁବାସ ସିଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ପରେ ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଟାଟା ପାୱାର ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଭାପତି ସିଂ, ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଜନଶକ୍ତି ପାର୍ଟି ପକ୍ଷରୁ ଚାରା ବଣ୍ଟନ

ମାହାଙ୍ଗା, ୧୦।୭(ଯଯାତି ସିଂହ): ରାଜ୍ୟରେ ପରିବା ଦର ଦିନକୁ ଦିନ ବଢ଼ି ଚାଲିଛି। ଏନେଇ ଜନଶକ୍ତି ପାର୍ଟି ପକ୍ଷରୁ ପ୍ରତିବାଦ କରାଯିବା ସହ ସଭାପତି ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ କୁଆଁପାଳ, ଜଳେଶ୍ୱରପୁର, ଆପିଲୋ, ମାହାଙ୍ଗା, ଭଦ୍ରେଶ୍ୱର, ଝାହେଶ୍ୱରପୁର ଆଦି ଅଞ୍ଚଳରେ ଲୋକଙ୍କୁ ବିଭିନ୍ନ ଫଳଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ଦଳ ପ୍ରମୁଖ ଅଶୋକ ରାଉତ, ଖବରଦାତ ରମେଶ ଚନ୍ଦ୍ର ସାହୁ, ଜନଶକ୍ତି ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସମରେନ୍ଦ୍ର ଜେନା, କୋଷାଧ୍ୟକ୍ଷ ପ୍ରକାଶ ଜେନା, ବିଜୟ ବାରିକ, ଦେବେନ୍ଦ୍ର ମହାପାତ୍ର, ଦିଲୀପ ପଣ୍ଡା, ସୁକୁମାର ଜେନା, କିର୍ତ୍ତୀବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୧୦୮ ଗ୍ରାମ ବ୍ରାଉନସୁଗାର ଜବତ

ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ)– ଭୁବନେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏସ୍. ରାଜୁ। ତାଙ୍କ ପାଖରୁ ବିଭାଗ ୧୦୮ ଗ୍ରାମ ବ୍ରାଉନସୁଗାର ସହ ଏକ ବାଇକ(ଓଡ଼ି ୩୩ ଏଜି–୮୧୪୩) ଜବତ କରିଛି। ଏନେଇ ବିଭାଗ ୪୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅବକାରୀ ବିଭାଗର ଏକ ଟିମ୍ ସୋମବାର ସକାଳେ ପାଟ୍ରୋଲିଂବେଳେ ରଘୁନାଥପୁର ଗାଁ ମୁଣ୍ଡ ବୁଢାନାଳ ସେତୁ ପାଖରେ ବାଇକ ଧରି ଛିଡ଼ା ହୋଇଥିବା ରାଜୁଙ୍କ ଉପରେ ସନ୍ଦେହ ହୋଇଥିଲା। ତାଙ୍କୁ ପଚରାଉଚରା ପରେ ଗାଡ଼ିକୁ ଯାଞ୍ଚବେଳେ ସେଥିରୁ ବ୍ରାଉନସୁଗାର ମିଳିଥିଲା। ସେ ବ୍ରାଉନସୁଗାର ଦେବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ପଚରାଉଚରାବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି।

# ଜିଲାପାଳଙ୍କ ଜନଶୁଣାଣିରେ ୨୪୩ ଅଭିଯୋଗ

ବାଙ୍କୀ,୧୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକରେ କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କଟକ ଜିଲା ପରିଷଦ ଅମ୍ବର କୁମାର କର, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ବାଙ୍କୀ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ଆବାସ ଯୋଜନା ତାଲିକାରେ ନାମ ସଂଯୋଗ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ନେଇ ଅଭିଯୋଗ ହୋଇଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲାପାଳ ଚୟନୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରକୁ ବାଙ୍କୀ ବ୍ଲକ ବିଡିଓ କ୍ଷୀତିଶ ବେହେରା ପରିଚାଳନା କରିଥିଲେ। ଉପଖଣ୍ଡର ସମସ୍ତ ବିଭାଗ ଅଧିକାରୀମାନେ ଶିବିରରେ ଯୋଗଦେଇ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ଅଭିଯୋଗଗୁଡିକ ଫଇସଲାରେ ସହଯୋଗ କରିଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମେଟ୍ରୋ ଟ୍ରେନ ପାଇଁ ମାଟି ପରୀକ୍ଷା ଆରମ୍ଭ

ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ)

ରାଜଧାନୀରେ ଚାଲିବ ମେଟ୍ରୋ ଟ୍ରେନ। ଏନେଇ କେବେ କାମ ଆରମ୍ଭ ହେବ ଓ କେତେ ଦିନ ଲାଗିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ମେଟ୍ରୋ ଟ୍ରେନ ଚାଲିବା ପାଇଁ ସର୍ଭେ ଆରମ୍ଭ ହୋଇଛି। ତ୍ରିଶୂଳିଆ ଛକରେ ସୋମବାର ମେଶିନ ଲଗାଯାଇ ମାଟି ପରୀକ୍ଷା କରାଯାଇଛି। ଏକ ଘରୋଇ କମ୍ପାନୀ ଦ୍ୱାରା ଆରମ୍ଭ ହୋଇଥିବା ଏହି ପରୀକ୍ଷା ଆଧାରରେ ବାରଙ୍ଗ ମୁଖ୍ୟରାସ୍ତା ପାର୍ଶ୍ୱରେ ଡ୍ରିଲ କରାଯାଇ କେଉଁଠି ପଥର କି ମାଟି ପଡୁଛି ତା'ର ପରୀକ୍ଷା କରାଯାଉଛି। ଏହି ପରୀକ୍ଷା ତ୍ରିଶୂଳିଆ ଛକଠାରୁ ଆରମ୍ଭ କରି ଏରୋଡ୍ରମ ପର୍ଯ୍ୟନ୍ତ ହେବ ବୋଲି ମାଟି ପରୀକ୍ଷା କରୁଥିବା କର୍ମଚାରୀ କହିଛନ୍ତି।

# ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼

**ସିଂହନାଥ ପୀଠ**

ବଡ଼ମ୍ବା,୧୦।୭(ମାୟାଧର ମଲ୍ଲିକ)



ସିଂହନାଥ ଦେବଙ୍କ ନିକଟରେ ପାଣି ଢ଼ାଳିବା ଲାଗି କାଉଡିଆମାନେ ଧାଡ଼ିରେ ଠିଆ ହୋଇଛନ୍ତି।

ଶ୍ରାବଣ ମାସ ପ୍ରଥମ ସୋମବାର ପରିପ୍ରେକ୍ଷୀରେ ବଡ଼ମ୍ବାର ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହୋଇଉଠିଛି। ଗୋପୀନାଥପୁର ନିକଟସ୍ଥ ମହାନଦୀ ମଧ ଭାଗରେ ଥିବା ପ୍ରଭୁ ସିଂହନାଥଦେବଙ୍କ ପୀଠରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ଭିଡ଼ ଜମିଛି। ଏନେଇ ରବିବାର ସନ୍ଧ୍ୟାରୁ ସୋମବାର ପ୍ରାୟ ଦିନଭରି କାଉଡ଼ିଆଙ୍କ ଗହଳଚହଳ ଲାଗି ରହିଥିଲା। ସେମାନଙ୍କ ବ୍ୟତୀତ ଉଭୟ ବଡ଼ମ୍ବା ଓ ବାଙ୍କୀ ଅଞ୍ଚଳରୁ ବହୁ ମହିଳା ଓ ପୁରୁଷ ଭକ୍ତ ମଧ ଠାକୁରଙ୍କ ଦର୍ଶନ ପାଇଁ ଆସିଥିଲେ। ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ତରଫରୁ ସିଂହନାଥଙ୍କ ଦର୍ଶନ ଓ କାଉଡ଼ିଆଙ୍କ ଜଳ ଅର୍ପଣ ଲାଗି ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ନୀଳକଣ୍ଠ ବେହେରା, ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ବାଙ୍କୀ ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ବଡ଼ମ୍ବା ଆଇଆଇସି ସ୍ନିଗ୍ଧାମୟୀ ବରାଳ, ବୈଦେଶର ଓଆଇସି ପ୍ରେମାନନ୍ଦ ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ଯଯାତି କେଶରୀ ନାୟକ, ସମିତି ସମିତିସଭ୍ୟ ଜିତେନ୍ଦ୍ରକୁମାର ମଲ୍ଲିକ, ମାଳି ସେବାୟତ କର୍ମକର୍ତ୍ତା ଭାଗିରଥି ରଣା ଓ ଜଳଧର ରଣା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସେହିପରି ଭଟ୍ଟାରିକାପୀଠ, ଶଙ୍ଖାମେରୀ ସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶରଦେବଙ୍କ ପୀଠ, ହାଟସ୍ଥିତ ଆଡ଼ିଆ ମହାଦେବ ପୀଠ, ଦେଉଳିର କପିଳେଶ୍ୱର ପୀଠ, ସୁନାପାଳର କୋଲେଶ୍ୱର ପୀଠ, ବଡ଼ମ୍ବାଗଡ଼ ଶୈବପୀଠରେ କାଉଡ଼ିଆମାନେ ଜଳ ଢାଳିଛନ୍ତି।

# ବନ୍ୟା କ୍ଷତିଗ୍ରସ୍ତ ଖରିଫ ଚାଷୀଙ୍କୁ ମିଳିନି ଫସଲ ବୀମା

**ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବାଙ୍କୀ,୧୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଉପଜିଲାପାଳ ତନୁଶ୍ରୀ ବେହେରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ବାଙ୍କୀ ବ୍ଲକରେ ୨୦୨୨ ଅଗଷ୍ଟରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ବହୁ ଖରିଫ ଧାନଫସଲ ନଷ୍ଟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଉପଜିଲାପାଳ ତନୁଶ୍ରୀ ବେହେରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଇତିମଧ୍ୟରେ ବାଙ୍କୀ ସବ୍‌ଡିଭିଜନର କିଛି ପାହାଡିଆ ଅଞ୍ଚଳ ଯେଉଁଠି ବନ୍ୟା ଜଳ କେବେ ଯାଏ ନାହିଁ ସେଠାକାର ଲୋକଙ୍କୁ ଫସଲବୀମା କ୍ଷତିପୂରଣ ମିଳସାରିଲାଣି। ଅଥଚ କୃଷି ପ୍ରାଥମିକ ସେବା ସମବାୟ ସମିତି ଲିମିଟେଡ୍ ଅଧୀନ ହରିରାଜପୁର, ଶିମିଳିପୁର, ବିଲିପଡା, ଗୋପାଳପୁର, ଡଁସର ସେବା ସମବାୟ ସମିତିଗୁଡ଼ିକର ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିନାହିଁ। ଏଥିରେ ପାତରଅନ୍ତର ଓ ଅନିୟମିତତା କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି। ଆଗାମୀ ୧୫ଦିନ ମଧରେ ଏହି କ୍ଷତିପୂରଣ ରାଶି ଚାଷୀମାନଙ୍କୁ ନ ମିଳିଲେ ଓ ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏଥିପାଇଁ ବାଙ୍କୀ ବ୍ଲକ ପ୍ରଶାସନ ଦାୟୀ ରହିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତୁରନ୍ତ କ୍ଷତିପୂରଣ ଦେବାକୁ ଚାଷୀ ତଥା ପୂର୍ବତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ପୀତବାସ ନାୟକ, ସୀତାରାମ ସ୍ୱାଇଁ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଦାବି କରିବା ସହ ଅଭିଯୋଗ ପତ୍ରର ନକଲ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ବେଗୁନିଆ ବନ୍ଦ, ଲୋକେ ହଇରାଣ

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**

- ଶିକ୍ଷାନୁଷ୍ଠାନ, ବଜାର, ବ୍ୟାଙ୍କ ଏବଂ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଲା
- ରାଜପଥରେ ଅଟକିଲା ଯାନବାହନ
- ବିଧାୟକଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ବନ୍ଦ ଜାରି ରହିବ

**ବେଗୁନିଆ,୧୦।୭(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକ କମିଟି ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସକାଳ ୭ଟାରୁ ବେଗୁନିଆ ସଦର ମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ କରାଯିବା ସହ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥଲା। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ବେଗୁନିଆ ବଜାର ଅଧୀନ ପୋଷ୍ଟ ଅଫିସ ଓ ବ୍ଲକ ଅଫିସ ଛକରେ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ଏପରି କି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ଦାୟିତ୍ୱରେ ଥିବା ତହସିଲଦାର ସନ୍ତୋଷିନୀ ଦାଶ, ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୭ଜଣିଆ କମିଟି ଗଠନ କରି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ଆଗେଇ ଆସନ୍ତୁ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ କଥା ନିଶ୍ଚୟ ବୁଝିବେ। ଯଦି ନ ବୁଝିବେ, ବେଗୁନିଆ ବଜାରରେ ଲଣ୍ଡା ହୋଇ ବୁଲିବି ବୋଲି ବିଧାୟକ ସାହୁ କହିଥିଲେ। ତେବେ ବିଧାୟକଙ୍କ ପ୍ରତିଶ୍ରୁତିକୁ ଆନ୍ଦୋଳନକାରୀ ସହଜରେ ଗ୍ରହଣ କରିପାରି ନ ଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଆଉ ଭୁଆଁ ବୁଲାଅନି ବୋଲି ଆନ୍ଦୋଳନକାରୀ ପାଲଟା ପ୍ରଶ୍ନ କରିଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। ତେବେ ସନ୍ଧ୍ୟା ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଏହା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରେ ଦ୍ୱିତୀୟ ଦିନ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ କହିଛନ୍ତି। ଏହି ବନ୍ଦ ଆନ୍ଦୋଳନରେ ମହିଳାଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ସାମିଲ ହୋଇଥିଲେ।

ପ୍ରକାଶ ଯେ, ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପାଇଁ ଦୀର୍ଘ ୩୦ବର୍ଷ ହେବ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରି କି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ୨୦୧୫ ମେ’ ୧୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ମେ’୨୨ରୁ ସତ୍ୟାଗ୍ରହ ଜାରି ରହିଥିଲା। ତେବେ ସତ୍ୟାଗ୍ରହର ୪୯ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୫୦ ଦିନ ତଥା ୧୦ତାରିଖ(ସୋମବାର)ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ରହିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଥିଲା।



ବେଗୁନିଆ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ବିଧାୟକ ରାଜେନ୍ଦ୍ର କୁମାର ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।



ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବନ୍ଦ ରହିଛି।


ବନ୍ଦ ପ୍ରଭାବରେ ବେଗୁନିଆ ବଜାର ଶୁନ୍‌ଶାନ୍।

## ସଂକ୍ଷେପରେ

### ମାଡ଼ ମାରି ବାଇକ୍ ନେଇଯିବା ଅଭିଯୋଗରେ ୨ ଗିରଫ



**ଜଟଣୀ,୧୦।୭(ରବୀନ୍ଦ୍ର ନାଥ ମହାକୁଡ଼):** ଘରେ ପଶି ମାଡ଼ ମାରିବା ସହ ବାଇକ୍ ନେଇଯିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ହାଟବଜାର ମଝିସାହି ଅଞ୍ଚଳର ଏ.ପ୍ରକାଶ ରାଓ(୩୦) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଟାଙ୍ଗୀସାହିର ବାବୁନା ଓରଫ ସୁଧାକର ବଳିୟାରସିଂ(୩୧)। ଏମାନଙ୍କ ନିକଟରୁ ଚୋରି ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୭/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଜଟଣୀ ବ୍ଲକ ଅଧୀନ ପଦନପୁର ପଞ୍ଚାୟତ ବଡ଼ତୋଟା ଗ୍ରାମର ଟୁକୁନା ସାହୁଙ୍କ ଘରେ ଭଡାରେ ରୁହନ୍ତି। ତେବେ ଗତ ୪ ତାରିଖ ରାତିରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଘର କବାଟ ବଡାଇଥିଲେ। କବାଟ ଖୋଲିବା ପରେ ଦୁଇ ଅଭିଯୁକ୍ତ ଅଭିଯୋଗକାରୀ ଏବଂ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ତାଙ୍କ ବାଇକକୁ ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହ ସ୍ଥାନୀୟ ରେଲଓ୍ୱେ ମାର୍କେଟ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପୁଅ ସ୍ମୃତି ଉଦ୍ଦେଶ୍ୟରେ କଲେଜ ପାଣ୍ଠିକୁ ଦାନ

**ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପୂର୍ବତନ ପ୍ରଫେସର ଏମ୍.ଭିମା ରାଓ ତାଙ୍କ ପୁଅ ସ୍ମୃତି ଉଦ୍ଦେଶ୍ୟରେ ୧ଲକ୍ଷ ଟଙ୍କା କଲେଜ ପାଣ୍ଠିକୁ ପ୍ରଦାନ କରିଛନ୍ତି। ବାଣିଜ୍ୟ ବିଭାଗ ସମ୍ମାନ ସହ +୨କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରମାନେ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ରାଶି ମହାବିଦ୍ୟାଳୟ ସାମ୍ବତ୍ସରିକ ଉତ୍ସବ ପାଳନ ଅବସରରେ ପ୍ରଦାନ କରାଯିବ। ପ୍ରକାଶ ଯେ, କିଛି ବର୍ଷ ପୂର୍ବେ ରାଓଙ୍କ ପୁଅ ଜଟଣୀ ଠାରେ ଏକ ପୋଖରୀରେ ଗାଧଉଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ସ୍ମୃତି ଉଦ୍ଦେଶ୍ୟରେ ରାଓ ଏହି ପୁରସ୍କାର ଘୋଷଣା କରିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ବେଗୁନିଆ,୧୦।୭(ହରପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ପଙ୍ଗାରସିଂହ ସ୍ଥିତ ବଜରଙ୍ଗବାଲି ମନ୍ଦିର ପରିସରରେ ସୋମବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସୌରଭ ବିଜୟ ବଳିୟାରସିଂହ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ୨୫ଜଣ ରୋଗୀ ଚିକିତ୍ସା ପାଇଁ ନାମ ପଞ୍ଜୀକରଣ କରିଥିଲେ। ୨୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଅନ୍ୟ ୨ଜଣଙ୍କୁ ଅସ୍ତ୍ରୋପଚାର କରିବା ପାଇଁ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସତ୍ୟାନନ୍ଦ ଚମ୍ପତିରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଡା.ସତ୍ୟରଞ୍ଜନ ମହାନ୍ତି ରୋଗୀଙ୍କୁ ସେବା ଯୋଗାଇଦେଇଥିଲେ। କଳ୍ପତରୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅକ୍ଷୟ ବଳିୟାରସିଂହ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଯାଁଳା,୧୦।୭(ବୁଲା ବାରିକ):** ଜଟଣୀ ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ପଞ୍ଚାୟତର ବ୍ରହ୍ମକୁଣ୍ଡଳର ଜଗମୋହନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବେଣୁଧର ବଳିୟାରସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାଥୁଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଶ ଚନ୍ଦ୍ର ମହାନ୍ତି, ଅଦ୍ୱୈତ ବଳିୟାରସିଂହ, ପ୍ରସନ୍ନ କୁମାର ସୁବୁଦ୍ଧି, ଶରତ କୁମାର ଜେନା, ନିରଞ୍ଜନ ସାହୁ, ସୁଧୀର ଚନ୍ଦ୍ର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବେଣୁଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, କମଳ କୁମାରୀ ସୁନ୍ଦରାୟ, ସୁକାନ୍ତି ରାଉତରାୟ, ଶରତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଦେବେନ୍ଦ୍ର ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ଛଉନୃତ୍ୟ ପାଇଁ ଜାତୀୟ ମେଧାବୃତ୍ତି ପାଇବେ ମୁସ୍କାନ



**ଖୋର୍ଦ୍ଧା,୧୦।୭(ପ୍ରଭାତ ପାଣିଗ୍ରାହୀ)**

ସାଂସ୍କୃତିକ କଳା କ୍ଷେତ୍ରରେ ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ପାଇଁ ଜାତୀୟ ମେଧାବୃତ୍ତି ତାଲିକା ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ଲୋକନୃତ୍ୟ ନିମିତ୍ତ ନୃତ୍ୟଶିଳ୍ପୀମାନେ କଲଚରାଲ ଟାଲେଣ୍ଟ ସର୍ଚ୍ଚ ସ୍କଲାରଶିପ୍ ସ୍କିମ ଦ୍ୱାରା ଶ୍ରେଷ୍ଠ ପ୍ରତିଭାମାନେ ଚୟନ ହୋଇଛନ୍ତି। ଏହି ମେଧାବୃତ୍ତି ତାଲିକାରେ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଶିଳ୍ପୀ ସ୍ଥାନ ପାଇଥିବା ସ୍ଥଳେ ଖୋର୍ଦ୍ଧା ସାନପଦର ଗ୍ରାମର ସୁଶ୍ରୀ ମୁସ୍କାନ୍ ନାୟକ ୨୦୨୧-୨୨ ମସିହା ପାଇଁ ଛଉ ନୃତ୍ୟ କ୍ଷେତ୍ରରେ ଜାତୀୟ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସବିତାଙ୍କ ଝିଅ ମୁସ୍କାନ୍ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ନିକେତନର ଛାତ୍ରୀ। ସିସିଆରଟି ପକ୍ଷରୁ ଗୁରୁ ଅଚିନ୍ତ୍ୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଛଉ ନୃତ୍ୟ ଶିକ୍ଷା କରୁଛନ୍ତି। ମୁସ୍କାନ୍ ଏବେ ଭୁବନେଶ୍ୱରର ଲୟଲା ସ୍କୁଲର ସେଭେନ ଷ୍ଟାଣ୍ଡାର୍ଡରେ ପାଠ ପଢୁଛନ୍ତି। ସଫଳତା ପଛରେ ମାମୁ ସୁକାନ୍ତ କୁମାର ସିଂଙ୍କ ପ୍ରୋତ୍ସାହନ ରହିଛି। ମୟୂରଭଞ୍ଜ ଜିଲାର ଏହି ପ୍ରସିଦ୍ଧ ଛଉ ନୃତ୍ୟରେ ଖୋର୍ଦ୍ଧା ମାଟିର ଝିଅ ଜାତୀୟ ସ୍ତରରେ ସଫଳତା ହାସଲ କରିବା ପରିପ୍ରେକ୍ଷୀରେ ସ୍ଥାନୀୟ ଜନସାଧାରଣ ଏବଂ ଶୁଭେଚ୍ଛୁମାନେ ମୁସ୍କାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩୮୭ ଶିକ୍ଷାନୁଷ୍ଠାନରେ ଡେଙ୍ଗୁ ପ୍ରତିରୋଧ ସଚେତନତା

**ବୋଲଗଡ଼,୧୦।୭(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲାପାଳଙ୍କ ଆହ୍ୱାନକ୍ରମେ ଜିଲା ସମଗ୍ରଶିକ୍ଷା ପ୍ରକଳ୍ପ ପକ୍ଷରୁ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୩୮୭ଟି ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନଙ୍କୁ ଡେଙ୍ଗୁ ରୋଗ ପ୍ରତିରୋଧ ପାଇଁ ସଚେତନ କରାଯାଇଛି। ସ୍ଥାନୀୟ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ପ୍ରାର୍ଥନା ସଭାରେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ରୋଗର ନିରାକରଣ ଓ ପ୍ରତିରୋଧ ପାଇଁ ସଚେତନ କରିବା ନେଇ ବ୍ୟବସ୍ଥା କରାଯାଇଥିଲା। ଏହି ଶିକ୍ଷା ବ୍ଲକର ୨୨୮ଅଙ୍ଗନଓ୍ୱାଡି କେନ୍ଦ୍ର, ୫୫ଟି ପ୍ରାଥମିକ, ୪୨ଟି ଉଚ୍ଚପ୍ରାଥମିକ, ୨୮ଟି ଉଚ୍ଚ ମାଧ୍ୟମିକ ସରକାରୀ ବିଦ୍ୟାଳୟ ସମେତ ୨୮ଟି ବେସରକାରୀ ବିଦ୍ୟାଳୟ ଓ ୬ଟି ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଦ୍ୟାର୍ଥୀମାନେ ସାମିଲ ହୋଇଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରଦତ୍ତ ସଚେତନତା ବାର୍ତ୍ତାଥିବା ପ୍ରଚାରପତ୍ର ପିଲାଙ୍କୁ ବଣ୍ଟାଯାଇଥିଲା। ଏଡିଶ୍ ମଶା କାମୁଡିବା ଦ୍ୱାରା ଡେଙ୍ଗୁ ହୋଇଥାଏ। ଏହି ମଶା ସାଧାରଣତଃ ପରିଷ୍କାର ଓ ସ୍ଥିର ପାଣିରେ ଡିମ୍ବ ଦେଇ ବଂଶବିସ୍ତାର କରିଥାଏ। ସେଥିପାଇଁ ଘର ଛାତ ଉପରେ, ଘର ଚତୁଃପାର୍ଶ୍ୱରେ କିମ୍ବା ଘର ଭିତରେ କେଉଁଠାରେ ବି ପାଣି ଜମିବାକୁ ନ ଦେବା ପାଇଁ ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଇଥିଲା। ଏହି ବାର୍ତ୍ତାକୁ ଘରେ ଏବଂ ସାହିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା, କୈଳାଶନାଥ ସ୍ୱାଇଁ, ସିଦ୍ଧେଶ୍ୱର ସାହୁଙ୍କ ସମେତ ୧୩ଜଣ ସାଧନକେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଶିକ୍ଷାନୁଷ୍ଠାନ ପରିସରରୁ ଅନବନା ଗଛକାଟି ପରିଷ୍କାର ଓ ଶୃଙ୍ଖଳା ରଖିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସହଶିକ୍ଷାଧିକାରୀ ବେହେରା ସୂଚନା ଦେଇଛନ୍ତି।


ଛାତ୍ରୀଛାତ୍ରମାନେ ଡେଙ୍ଗୁ ପ୍ରତିରୋଧ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଅତ୍ରିରେ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ସ୍ୱୀକୃତି

**ବେଗୁନିଆ,୧୦।୭(ହର ପ୍ରସନ୍ନ ପଣ୍ଡା)**

ଇଷ୍ଟ କୋଷ୍ଟ ରେଳ ବିଭାଗ ଅଧୀନରେ ଥିବା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅତ୍ରି ନିକଟରେ ପାସେଞ୍ଜର ହଲ୍ଟ ନିର୍ମାଣ କରିବା ପାଇଁ ସ୍ୱୀକୃତି ମିଳିଛି। ଏନେଇ ସୋମବାର ଚିଫ୍ କମର୍ସିଆଲ ମ୍ୟାନେଜର (ସିଏମ)ଙ୍କ ପକ୍ଷରୁ ଇଷ୍ଟ କୋଷ୍ଟ ରେଳ ବିଭାଗ ଡିଭିଜୋନାଲ କମର୍ସିଆଲ ମ୍ୟାନେଜରଙ୍କୁ ଚିଠି ଅନୁମୋଦନ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଖୁସି ହେବା ସହ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଥାଉ କି, ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅତ୍ରି ଗ୍ରାମ ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ରେଳଗୁଡ଼ିକର ଏକ ରହଣି ସ୍ଥଳ ଅତ୍ରି ଠାରେ କରିବା ପାଇଁ ଅତ୍ରି ଗ୍ରାମ କମିଟି ସଭାପତି ପ୍ରଦୀପ୍ତ କୁମାର ଜଗଦେବଙ୍କ ନେତୃତ୍ୱରେ ସତ୍ୟନାରାୟଣ ରାୟ, ଭାଗୀରଥି ଚମ୍ପତି, ବିଜୟ ମାନ୍ଧାତା, ସନ୍ତୋଷ କୁମାର ପଣ୍ଡା, ବିଭୁଦତ୍ତ ରାଏପ୍ରିତମଙ୍କ ସମେତ ସ୍ଥାନୀୟ ଲୋକେ ଦାବିକରି ଆସୁଥିଲେ। ପର୍ଯ୍ୟଟନସ୍ଥଳ ଅତ୍ରି ଉଷ୍ମ ପ୍ରସବଣ, ହଟ୍ଟକେଶ୍ୱର ମନ୍ଦିର, ବାଘମାରୀକୁ ଯାତାୟାତର ସୁବିଧା ମଧ୍ୟ ରହିଛି ବୋଲି ଦାବିର ମୁଖ୍ୟ ପ୍ରସଙ୍ଗ ଥିଲା। ଏହି ପାସେଞ୍ଜର୍ ହଲ୍ଟ ପାଇଁ ସ୍ୱୀକୃତି ମିଳିବା ପରେ ବାଘମାରୀ ସରପଞ୍ଚ ମାନସ ବିଶ୍ୱାଳ, ଧନେଶ୍ୱର ଜେନା, ଭୀମସେନ ଜେନା, ଭରତ ରାୟସିଂହ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି। ଏନେଇ ବେଗୁନିଆ ଷ୍ଟେଶନ ମାଷ୍ଟର ଯନ୍ମେଜୟ ପଟ୍ଟନାୟକ କହିଛନ୍ତି, ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନୁମୋଦନ ହୋଇଛି ବୋଲି ଶୁଣିଛୁ। ହେଲେ ଏନେଇ କୌଣସି ଚିଠି ଆସିନାହିଁ।

## ୭୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ମହିଳାଙ୍କ ସମେତ ୫ ଗିରଫ

**ଅବକାରୀ ବିଭାଗର ଚଢ଼ାଉ**

**ଭୁବନେଶ୍ୱର,୧୦।୭ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରେ ଦିନକୁ ଦିନ ଚୋରା ନିଶା ବେପାରୀଙ୍କ କାରବାର ବଢ଼ିବାରେ ଲାଗିଛି। ଏହି କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ସ୍ଥାନୀୟ ଅବକାରୀ ଟିମ ସୋମବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି। ମଞ୍ଚେଶ୍ୱର, ନନ୍ଦନକାନନ ଓ ଭରତପୁର ଅଞ୍ଚଳରୁ ୨ଜଣ ମହିଳାଙ୍କ ସମେତ ମୋଟ ୫ ଜଣଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ୪ଜଣ ନିଶାବେପାରୀଙ୍କୁ ଗିରଫ କରିଥିବାବେଳେ ସ୍ଥାନୀୟ ଅବକାରୀ ଟିମ୍ ଜଣଙ୍କୁ ଧରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣିର ଉଷାରାଣୀ ସାହୁ ଓ ଆଖଣ୍ଡଳମଣି ବସ୍ତିର ସୁନିତା ପାତ୍ର, ଭରତପୁର ଅଞ୍ଚଳର ଆକାଶ ସାସ ଓ ରାହୁଲ ମହାପାତ୍ର ଏବଂ ଅନ୍ୟଜଣେ ହେଲେ ନନ୍ଦନକାନନ ଅଞ୍ଚଳର ସେକ୍ ରାଜୁ। ସମସ୍ତ ଅଭିଯୁକ୍ତମାନଙ୍କଠାରୁ ମୋଟ ୫୭୨ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭୮ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ପୃଥକ ପୃଥକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାସହ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଅବକାରୀ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ଅଭିଯୁକ୍ତମାନେ।

## ସଫେଇ ହେଉନି ଡ୍ରେନ୍, ରାସ୍ତାରେ ଜମୁଛି ପାଣି


ଡ୍ରେନ୍‌ରେ ଜମିରହିଥିବା ଅଳିଆ ଆବର୍ଜନା।

**ଜଟଣୀ,୧୦।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌରପରିଷଦ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘଦିନ ଧରି ଡ୍ରେନ୍ ସଫେଇ ନ ହେବାରୁ ବହୁ ସ୍ଥାନରେ ପୋତି ହୋଇପଡିଛି। ଏପରିକି ଡ୍ରେନ୍ ଓ୍ୱାଲ ନ ଥିବା ବେଳେ କିଛି ସ୍ଥାନରେ ଭାଙ୍ଗିରୁଜି ଯାଇଛି। ଫଳରେ ବର୍ଷା ହେଲେ ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିବା ସହ ଘରେ ପଶୁଥିବା ନଜିର ରହିଛି। ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫେଇ ପାଇଁ ନିୟମ ରହିଥିବା ବେଳେ ପୌର ପରିଷଦର ଅବହେଳା ଯୋଗୁ ଲୋକେ ହଇରାଣ ହେଉଛନ୍ତି। କିଛିଦିନ ପୂର୍ବେ ବର୍ଷା ହେବାରୁ ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଥିବା ‘ଧରିତ୍ରୀ’ରେ ପ୍ରକାଶ ପାଇଥିଲା। ଏହା ପରେ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତରବରିଆ ଭାବେ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ସହିତ କେତେକ ଓ୍ୱାର୍ଡର ଡ୍ରେନ ସଫେଇ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ବହୁ ଡ୍ରେନ୍ ସଫେଇ ନ ହେବାରୁ ପୋତିହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ଡ୍ରେନ୍ ସଫେଇ ନ ହେବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପରିମଳ ଏବଂ ସ୍ୱଚ୍ଛତା ଆଳରେ ସରକାରୀ ଅର୍ଥ ବାଟମାରଣା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦେବାକୁ ଦାବି ହୋଇଛି।

**ଏମାନେ ଯାହା କୁହନ୍ତି...**

“ ଡ୍ରେନ୍ ସଫେଇ ପାଇଁ ଅଭିଯୋଗ କଲେ ମଧ ପୌର କର୍ମଚାରୀ ଶୁଣୁନାହାନ୍ତି। ଡ୍ରେନ୍ ସଫା ନ ହେବା ଫଳରେ ଅଳିଆ ଆବର୍ଜନା ଜମି ଦୁର୍ଗନ୍ଧ ହେବା ସହିତ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି। ବର୍ଷା ହେଲେ ଡ୍ରେନ୍ ପାଣି ଘରେ ପଶୁଛି। ଡେଙ୍ଗୁର ଆଶଙ୍କା ମଧ ରହିଛି। ପୌର ପ୍ରଶାନ ଏକଚ୍ଛତ୍ରବାଦ ଶାସନ ଭଳି କାର୍ଯ୍ୟ କରୁଛି।

**- ବିଜୟ ମହାପାତ୍ର, କୁଦିଆରୀ ବାସିନ୍ଦା**

“ ଡ୍ରେନ୍ ସଫେଇ ପାଇଁ ଟେଣ୍ଡର ବିଳମ୍ବ ହେବାରୁ ଲୋକେ ହଇରାଣ ହେଉଛନ୍ତି। ଆରଆଣ୍ଡବି ଡ୍ରେନରେ ତ୍ରୁଟି ରହିଥିବା ଯୋଗୁ ମୁଖ୍ୟ ଡ୍ରେନରେ ବର୍ଷା ପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। କେଉଁଠି ଡ୍ରେନର ସାଇଡ ଓ୍ୱାଲ ନାହିଁ ତ କେଉଁଠି ଡ୍ରେନ ପୋତି ହୋଇଗଲାଣି।

**- ସନ୍ତୋଷ ପ୍ରଧାନ, ସାମାଜିକ କର୍ମୀ**

“ ପରିମଳ ଏବଂ ଡ୍ରେନ୍ ସଫେଇ କାମ ପର୍ଯ୍ୟାୟକ୍ରମେ ଜାରି ରହିଛି। ପୌର ପ୍ରଶାସନ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି। ଯେଉଁ ଓ୍ୱାର୍ଡରେ ସମସ୍ୟା ଅଧିକ ରହିଛି ସେହି ଓ୍ୱାର୍ଡକୁ ପ୍ରାୟରିଟି ବେସିସ୍‌ରେ ପ୍ରଥମେ କାର୍ଯ୍ୟ କରାଯାଉଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ସଫେଇ ଏବଂ ମରାମତି ପାଇଁ ଖୋର୍ଦ୍ଧା ଆର୍‌ଆଣ୍ଡବିକୁ ଚିଠି କରାଯାଇଥିଲା। ଆରଆଣ୍ଡବି ପକ୍ଷରୁ ନାଇଜର ଛକଠାରୁ କାମ ଆରମ୍ଭ ହୋଇଛି। ଖୁବଶୀଘ୍ର ପରିମଳ ଓ ଡ୍ରେନେଜ ସମସ୍ୟାରେ ସୁଧାର ଆସିବ।

**- ଅନନ୍ତ ବେହେରା, ପୌରାଧ୍ୟକ୍ଷ**

“ ଜଟଣୀ ପୌରପରିଷଦ ଅଞ୍ଚଳର ଅନେକ ସ୍ଥାନରେ ଆର୍‌ଆଣ୍ଡବିର ରାସ୍ତା ଏବଂ ଡ୍ରେନ୍ ରହିଛି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁଦିଆରୀ ହାଇସ୍କୁଲ ସମ୍ମୁଖ ଏବଂ ଅନ୍ୟସ୍ଥାନରେ ଡ୍ରେନ ସଫେଇ କାର୍ଯ୍ୟ ଜାରି ରହିଛି। ଅଭିଯୋଗ ଆସୁଥିବା ସ୍ଥାନରେ ଓ୍ୱାର୍ଡ ଅଫିସରଙ୍କ ଉପସ୍ଥିତିରେ ଡ୍ରେନ୍ ସଫେଇ କରାଯିବ।

**- ଦିଲୀପ କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ**

## ସଂକ୍ଷେପରେ

### ନାବାଳିକା ଗର୍ଭବତୀ, ନାବାଳକ ଫେରାର

ଗୋପ,୧୦।୭(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଗର୍ଭବତୀ କରାଯାଇଥିବା ନେଇ ରବିବାର ବିଳମ୍ବିତ ରାତିରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ଦେଇଛି। ଏ ନେଇ ପୋଲିସ ଏକ ମାମଲା(ନମ୍ବର ୨୯୬/୨୩) ରୁଜୁ କରି ତଦନ୍ତ ଚଳାଇବା ସହ ନାବାଳିକାଙ୍କୁ ସୋମବାର ଡାକ୍ତରୀ ମାଇନା କରାଇଛି। ପ୍ରକାଶ ଯେ, ଏହି ଥାନା ଅଞ୍ଚଳର ଜଣେ ନାବାଳକ ଉକ୍ତ ନାବାଳିକାଙ୍କୁ ପ୍ରେମରେ ଫସାଇଥିଲେ। ପରେ ମିଥ୍ୟା ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ନ ଜାଣି ପାରିବାରୁ ତାଙ୍କ ମା'ଙ୍କ ସନ୍ଦେହ ହେବାରୁ ଡାକ୍ତରଖାନା ନେବା ପରେ ସତକଥା ପଦାକୁ ଆସିଥିଲା। ଏନେଇ ନାବାଳିକାଙ୍କ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ପରେ ନାବାଳକ ଫେରାର ହୋଇଯାଇଛି। ଅଭିଯୋଗର ୩୬ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ନାବାଳକ ନ ଧରିପାରିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ବେଗୁନିଆ ବନ୍ଦ, ଲୋକେ ହଇରାଣ

ବେଗୁନିଆ,୧୦।୭(ହରପ୍ରସନ୍ନ ପଣ୍ଡା)- ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜକ କମିଟି ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସକାଳ ୭ଟାରୁ ବେଗୁନିଆ ସଦର ମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ କରାଯିବା ସହ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥଲା। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ବେଗୁନିଆ ବଜାର ଅଧୀନ ପୋଷ୍ଟ ଅଫିସ ଓ ବ୍ଲକ ଅଫିସ ଛକରେ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ଏପରି କି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ଦାୟିତ୍ୱରେ ଥିବା ତହସିଲଦାର ସନ୍ତୋଷିନୀ ଦାଶ, ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୭ଜଣିଆ କମିଟି ଗଠନ କରି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ଆଗେଇ ଆସନ୍ତୁ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ କଥା ନିଶ୍ଚୟ ବୁଝିବେ। ଯଦି ନ ବୁଝିବେ, ବେଗୁନିଆ ବଜାରରେ ଲଣ୍ଡା ହୋଇ ବୁଲିବି ବୋଲି ବିଧାୟକ ସାହୁ କହିଥିଲେ। ତେବେ ବିଧାୟକଙ୍କ ପ୍ରତିଶ୍ରୁତିକୁ ଆନ୍ଦୋଳନକାରୀ ସହଜରେ ଗ୍ରହଣ କରିପାରି ନ ଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଆଉ ଭୁଆଁ ବୁଲାଅନି ବୋଲି ଆନ୍ଦୋଳନକାରୀ ପାଲଟା ପ୍ରଶ୍ନ କରିଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। ତେବେ ସନ୍ଧ୍ୟା ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଏହା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରେ ଦ୍ୱିତୀୟ ଦିନ ମଧ ଆନ୍ଦୋଳନ ଜାରି ରହିବ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ କହିଛନ୍ତି। ଏହି ବନ୍ଦ ଆନ୍ଦୋଳନରେ ମହିଳାଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ସାମିଲ ହୋଇଥିଲେ।

# ଜଳ ଲାଗିକଲେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ



ପୁରୀ,୧୦।୭(ଅଜିତ ମହାନ୍ତି)



କାଉଡ଼ିଆମାନେ ଜଳ ଲାଗି କରିବା ପାଇଁ ଧାଡ଼ିରେ ଯାଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ପୁରୀ ସହରର ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ପୁରୀର ଶ୍ରୀଲୋକନାଥଙ୍କ ପୀଠରେ ମଧ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଜଳଲାଗି କରିଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ରବିବାର ରାତ୍ର ୧୨ଟା ୪୫ରେ ଶ୍ରୀଲୋକନାଥ ମନ୍ଦିରର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ଶେଷ ପରେ ରାତି ୧ଟାରୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଜଳ ଲାଗି କରିବା ପୂର୍ବରୁ ଭକ୍ତମାନେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଖୋଲାଯାଇଥିବା କାଉଣ୍ଟରରେ ୨୦ ଟଙ୍କାର ରସିଦ୍ କାଟିଥିଲେ। ଏହି ରସିଦ୍ ଦେଖାଇ କାଉଡ଼ିଆମାନେ ପ୍ରଶାସନ ପକ୍ଷରୁ ନିର୍ମିତ ବ୍ୟାରିକେଡ୍ ଦେଇ ରୋଷଘର ପଛପଟେ ମନ୍ଦିର ପରିସରକୁ ଯାଇ ପ୍ରଭୁ ଶ୍ରୀଲୋକନାଥଙ୍କୁ ଜଳ ଲାଗି କରି ଫେରିଆସିଥିଲେ। ଦିନତମାମ ଜଳାଭିଷେକ କାର୍ଯ୍ୟକ୍ରମ ଚାଲିଥିଲା। ସେହିପରି ଅନ୍ୟ ଭକ୍ତମାନେ ଯେପରି ଠାକୁରଙ୍କ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ପ୍ରାୟ ୨ହଜାର ଭକ୍ତଙ୍କ ପାଇଁ ଶେଡ୍ ବା ବିଶ୍ରାମାଗାର ନିର୍ମାଣ ହୋଇଥିଲା। ଅନେକ ଭକ୍ତ ଏହି ଶେଡ୍‌ଗୁଡ଼ିକରେ ବିଶ୍ରାମ ନେଇଥିଲେ। ଏନେଇ ଉପଜିଲାପାଳ ଭବତାରଣ

**ଶ୍ରୀଲୋକନାଥ ମନ୍ଦିରରେ ଭିଡ଼**
- ପ୍ରଶାସନ ପକ୍ଷରୁ ହୋଇଥିଲା ବିଭିନ୍ନ ବ୍ୟବସ୍ଥା
- ମୁତୟନ କରାଯାଇଥିଲା ୧୦ ପ୍ଲାଟୁନ ଫୋର୍ସ

ସାହୁ କହିଛନ୍ତି, ଶ୍ରାବଣ ମାସର ପ୍ରଥମ ସୋମବାରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କ ପୀଠକୁ ଆସି ଜଳଲାଗି କରିଛନ୍ତି। ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଜଣଙ୍କ ପରେ ଜଣେ ଧାଡ଼ିରେ ମନ୍ଦିର ପରିସରକୁ ଯାଇ ଜଳାଭିଷେକ କରିଥିଲେ। ଭକ୍ତଙ୍କ ପାଇଁ ପାନୀୟଜଳ, ଆଲୋକ ବ୍ୟବସ୍ଥା ସହ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ବିଶ୍ରାମାଗାର ଆଦି ନିର୍ମାଣ କରାଯାଇଛି। ଭକ୍ତମାନେ ସୁବିଧାରେ ଭଲରେ ଜଳଲାଗି କରି ଫେରିଛନ୍ତି। ସେହିପରି ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର କହିଥିଲେ, ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ମନ୍ଦିର ବାହାରେ, ପରିସରରେ, ବ୍ୟାରିକେଡ ଭିତରେ ଓ ମନ୍ଦିର ଫାଟକଗୁଡ଼ିକରେ ପର୍ଯ୍ୟାପ୍ତ ପୋଲିସ ମୁତୟନ ରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

# ବୋମାମାଡ଼ ଘଟଣା: ଜଣେ ଗିରଫ

ନିମାପଡ଼ା,୧୦।୭(ବିଚିତ୍ରାନନ୍ଦ ସାହୁ)



ଗିରଫ ଅଭିଯୁକ୍ତ ଏସ୍‌କେ ୱାଜିଦ୍ ।

ଚାରିଛକ ଥାନା ଅଧୀନ କଳାପାଞ୍ଚଣ ପଞ୍ଚାୟତର ମାଧିବରହମପୁର ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାଧିବରହମ୍ପୁର ଗ୍ରାମର ଏସ୍‌କେ ୱାଜିଦ୍ ଓରଫ୍ ରୁବଲୁ। ଜାମିନ୍ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି।

ଏହି ଗିରଫ ଅଭିଯୁକ୍ତଙ୍କ ବିରୋଧରେ ନିମାପଡ଼ା ଥାନାରେ କେସ୍ ନଂ. ୨୫୯/୨୨, କଟକ ଜିଲା ନିଆଳି ଥାନାରେ କେସ୍ ନଂ. ୨୫୨/୨୨, ନାଉଗାଁ ଥାନାରେ କେସ୍ ନଂ. ୧୬୯/୨୨, ଖୋର୍ଦ୍ଧା ଜିଲା ବାଲକାଟୀ ଥାନାରେ କେସ୍ ନଂ. ୨୮୧, ଜଗତ୍‌ସିଂହପୁର ଟାଉନ ଥାନାରେ କେସ୍ ନଂ. ୨୩୭/୨୨ରେ ବହୁ ଆପରାଧିକ ମାମଲା ରୁଜୁ ହୋଇଥିବା ଚାରିଛକ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏଭଳି ଆନ୍ତଃଜିଲା ଅପରାଧୀଙ୍କୁ ଥାନା ଭାରପ୍ରାପ୍ତ ଅଧିକାରୀ ମମତା ବିଶ୍ୱାଳ କାକଟପୁର ଥାନା ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଗତ ୬ ତାରିଖରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଲାଲ ଖାଁଙ୍କ ଘରେ ହୋଇଥିବା ବୋମା ମାଡ଼ ଘଟଣାରେ ତାଙ୍କ ସ୍ତ୍ରୀ ଓ ୧୦ ବର୍ଷର ପୁଅ ଆହତ ହୋଇଥିବାବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ଏ ସମ୍ପର୍କରେ ଚାରିଛକ ଥାନାରେ ଦଫା ୩୦୭, ୩୨୪, ୩୪, ୩/୪ରେ କେସ୍ ନଂ. ୭୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ପୁରୀ,୧୦।୭(ଅଜିତ ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅଠରନଳାରେ ସୋମବାର ରାତି ପ୍ରାୟ ୮ଟା ୩୦ରୁ ୯ଟା ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଆକ୍ରମଣ ଶିକାର ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ସନ୍ତୋଷ ମହାରଣା। ଆକ୍ରମଣରେ ସନ୍ତୋଷଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଠରନଳା ନିକଟରେ ଦୋକାନ ବସାଇବାକୁ ନେଇ ଖଣ୍ଡିଆବନ୍ଧ ଅଞ୍ଚଳର ହାପି ମାର୍ଥା ସହ ସନ୍ତୋଷଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ସୋମବାର ରାତିରେ ଦୋକାନ ବସାଇବାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପାଟିତୁଣ୍ଡ ଉଗ୍ରରୂପର ଧାରଣା ନେଇଥିଲା। ଏଥିରେ ହାପି ହଠାତ୍ ରାଗିଯାଇ ଏକ ଖଣ୍ଡାରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲା। ଫଳରେ ସନ୍ତୋଷଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଆକ୍ରମଣ କରିଥିବା ହାପିଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

# ମନୋରଞ୍ଜନ, ମିନତି, ଗୁନ୍‌ଗୁନ୍, ଅନୁଙ୍କୁ ଉତ୍କଳଶ୍ରୀ ସମ୍ମାନ



ଅଭିନେତ୍ରୀ ଗୁନ୍‌ଗୁନ୍, ଗୁରୁ ମନୋରଞ୍ଜନ ପ୍ରଧାନ ଓ ମିନତି ପ୍ରଧାନଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୧୦।୭(ଅଜିତ୍ ମହାନ୍ତି):

ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ପକ୍ଷରୁ ପୁରୀ ସଂସ୍କୃତି ଭବନରେ ଦୁଇଦିନ ବ୍ୟାପୀ ଆୟୋଜିତ 'ଉତ୍କଳଶ୍ରୀ ସମ୍ମାନ- ୨୦୨୩' ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ବିଜେଡି ନେତ୍ରୀ ନିବେଦିତା ନାୟକ, ରୋଜାଲିନ୍ ପାଟ୍ଟଶାଣୀ, ଗୁରୁ ବୈକୁଣ୍ଠ ନନ୍ଦ ଏବଂ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ କଳା ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଗୁନ୍‌ଗୁନ୍‌ଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନଙ୍କ ସମେତ ଅଭିନେତ୍ରୀ ଗୁନ୍‌ଗୁନ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଗୁରୁ ଅଶୋକ କୁମାର ଦାସ ଓ ଗୁରୁ ସୁରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶକ୍ତି ମିଶ୍ର, ସୁଧାଂଶୁ ରଥ ଏବଂ ବବିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୟାନଦୀରେ ଭାସୁଛି ମହିଳାଙ୍କ ମୃତଦେହ

ଡେଲାଙ୍ଗ,୧୦।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଞ୍ଚଳର ସିଂହବ୍ରହ୍ମପୁର ପଞ୍ଚାୟତ ଦେଇ ପ୍ରବାହିତ ଦୟାନଦୀର ତଇଲାସାହି ଗ୍ରାମ ସନ୍ନିକଟ ନଈରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବାର ଜଣାପଡିଛି। ସୋମବାର ସନ୍ଧ୍ୟାରେ ଏହି ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତଦେହଟି ମୁହଁ ମାଡ଼ି ନଦୀକୂଳଠାରୁ ୨୫ ଫୁଟ ଦୂରରେ ଦଳ ସହିତ ଭାସୁଥିବାର ଦେଖିବାକୁ ମିଳିଛି। ମହିଳାଙ୍କ ବୟସ ୪୫ ବର୍ଷ, ଶରୀରର ରଙ୍ଗ ଶ୍ୟାମଳ, ୪ଫୁଟ ୬ ଇଞ୍ଚ ଉଚ୍ଚତା ହୋଇଥିବା ଅନୁମାନ କରାଯାଉଛି। ଶରୀରର ଅଧାଅଂଶରେ ନେଳି ରଙ୍ଗର କପଡ଼ା ଥିବାବେଳେ ଅଧାଅଂଶ ଉଲଗ୍ନ ରହିଛି। ମୃତଦେହ ପାଣିରେ ପଡ଼ି ଫୁଲି ଯାଇଥିବାବେଳେ ଦୁର୍ଗନ୍ଧ ହେଉଥିବାରୁ ୨ରୁ ଅଧିକ ଦିନ ହେବ ପାଣିରେ ଭାସୁଥିବା ଆକଳନ କରାଯାଇଛି। ଖବରପାଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ ମହାନ୍ତି, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ, ଭ୍ୟାନ ଚାଳକ ପବିତ୍ର ବେହେରାଙ୍କ ସମେତ ପୋଲିସ କର୍ମଚାରୀ ଓ ଅଗ୍ନିଶମ ବାହିନୀ ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ସମେତ ଅଗ୍ନିଶମମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟା ହୋଇଯିବାରୁ ପୋଲିସ ଭାସୁଥିବା ମୃତଦେହକୁ ଜଗି ରହିଛି।

# ଉଚ୍ଛୁପୁର ସମବାୟ ସମିତି ସମ୍ପାଦକ ନିଯୁକ୍ତିରେ ବିବାଦ

ବଳଙ୍ଗା,୧୦।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ସେବା ସମବାୟ ସମିତିର ସମ୍ପାଦକ ନିଯୁକ୍ତିରେ ବିବାଦ ଲାଗିରହିଛି। ଗୋଟିଏ ପଟେ ସେବା ସମବାୟ ସମିତିର ଅଚଳାବସ୍ଥା ଯୋଗୁ ସମବାୟ ସମିତି ଅଧୀନରେ ଥିବା ୫ ଶହରୁ ଊର୍ଦ୍ଧ୍ୱ ଚାଷୀ ଚଳିତ ମାସ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ଆଦାୟ ସହ ନୂତନ ଋଣ ପ୍ରଦାନ ଖିଲାପ ହେବା ନେଇ ଆଶଙ୍କା ଦେଖାଦେଇଛି। ଫଳରେ ଚାଷୀମାନେ ଋଣ ଖିଲାପି ହେଲେ ଅଧିକ ସୁଧ ଦେଇ କ୍ଷତିଗ୍ରସ୍ତ ହେବେ। ସେହିଭଳି ଜୁଲାଇ ୧୫ ତାରିଖ ପୂର୍ବରୁ ଆରମ୍ଭ ହେବାକୁ ଥିବା ଧାନ ମଣ୍ଡିରେ ଧାନ ବିକ୍ରି ନାମ ପଞ୍ଜିକରଣ ବାଧାପ୍ରାପ୍ତ ହେବା ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି। ପ୍ରକାଶ ଯେ, ଏହି ସେବା ସମବାୟ ସମିତିରେ ପୂର୍ବରୁ କାର୍ଯ୍ୟରତ ସମ୍ପାଦକ ସର୍ବେଶ୍ୱର ମହାନ୍ତିଙ୍କର ଗତ ମେ ୩୧ ତାରିଖରେ ଅବସର ହୋଇଥିବା ବେଳେ ସେବା ସମବାୟ ସମିତି ତରଫରୁ ତାଙ୍କୁ ଅବସର ପ୍ରଦାନ କରାଯାଇଥିଲା। ତେବେ ସେବା ସମିତି ଚଳାଇବାରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସେବା ସମବାୟ ସମିତି ପରିଚାଳନା ପରିଷଦ ପକ୍ଷରୁ ସର୍ବେଶ୍ୱରଙ୍କୁ ପୁନର୍ବାର ୨ ବର୍ଷ ପାଇଁ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବା ନିମନ୍ତେ ନିଯୁକ୍ତି ଦିଆଯାଇଥିଲା। ଏ ନେଇ ଜୁନ ୨ ତାରିଖରେ ସର୍ବେଶ୍ୱରଙ୍କୁ ଯୋଗଦାନ ପତ୍ର ଦିଆଯାଇଥିଲା। ହେଲେ ପୁରୀର ସହକାରୀ ସେବା ସମବାୟ ନିବନ୍ଧକ ସ୍ୱରୂପ କୁମାର କର ଏଭଳି ଯୋଗଦାନ ପତ୍ରକୁ ଗ୍ରହଣ ନ କରି ଉଚ୍ଛୁପୁର ସେବା ସମବାୟ ସମିତି ସମ୍ପାଦକ ଭାବେ ବଳଙ୍ଗା ସେବା ସମବାୟ ସମିତିର କାର୍ଯ୍ୟରତ ସମ୍ପାଦିକା ସୌଦାମିନୀ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସର୍ବେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସହକାରୀ ସେବା ସମବାୟ ନିବନ୍ଧକଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସର୍ବେଶ୍ୱର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସର୍ବେଶ୍ୱରଙ୍କ ଅଭିଯୋଗକୁ ବିଚାର କରି ପରିଚାଳନା ପରିଷଦ ନିଷ୍ପତ୍ତିକୁ କାୟମ କରି ସର୍ବେଶ୍ୱରଙ୍କୁ ପୁନଃ ନିଯୁକ୍ତିକୁ କାଏମ ରଖିଛନ୍ତି। ଅନ୍ୟପଟେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ନିମାପଡ଼ା ଶାଖା ଗ୍ରହଣ କରୁ ନାହାନ୍ତି। ଫଳରେ ଉଚ୍ଛୁପୁର ଅଞ୍ଚଳର ଚାଷୀମାନେ ସମବାୟ ସମିତିରେ କାର୍ଯ୍ୟ ନ ହେବା ଓ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ତୁରନ୍ତ ଜିଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏ ନେଇ ସହକାରୀ ନିବନ୍ଧକ କର କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ଏଭଳି ନିଯୁକ୍ତିକୁ ଗ୍ରହଣ କରାଯାଉନାହିଁ। ତେଣୁ ନୂତନ ସମ୍ପାଦକ ନିଯୁକ୍ତ ନେଇ ଯଥାଶୀଘ୍ର ବ୍ୟବସ୍ଥା କରାଯିବ।

# ଜିଲାରେ ପାଣି ସମସ୍ୟା ଦୂର ଉପରେ ଗୁରୁତ୍ୱ

ପୁରୀ, ୧୦।୭(ଅଜିତ୍ ମହାନ୍ତି):

ପାଣି ସଙ୍ଗଠନର ସମୀକ୍ଷା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ସୋମବାରଠାରୁ ଦୁଇଦିନିଆ କର୍ମଶାଳା ସ୍ଥାନୀୟ ଗୋପବନ୍ଧୁ ସେବା ପରିଷଦ ପରିସରରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଜିଲାର ପାଣି ସମସ୍ୟାକୁ ଲୋକଲୋଚନକୁ ଆଣିବା ତଥା ପ୍ରଶାସନ ସାମ୍ନାରେ ରଖିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ନିଆଯାଉଛି ବୋଲି ଆବାହକ ଉମାକାନ୍ତ ମହାନ୍ତି କହିଛନ୍ତି। ଅନୁଷ୍ଠାନର ସଭ୍ୟା ବିଷ୍ଣୁପ୍ରିୟା ସ୍ୱାଇଁ କହିଥିଲେ, ପାଣି ସାଥୀମାନେ ଲୋକଙ୍କ ପାଖରେ ପହଞ୍ଚି ପାଣି ସମସ୍ୟା ବୁଝିବା ସହ ସଙ୍ଗଠନକୁ ମଜଭୁତ କରିବା, ସମସ୍ୟାର ଦଲିଲ୍ କରଣ, ସମଦର୍ଶୀ ସାଥୀ ଆଦି ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ନେଇ ପାଣି ସଙ୍ଗଠନ ଆଜି ବିକାଶ କ୍ଷେତ୍ରରେ ପାଦ ଥାପିଛି। ଅନେକ ସରକାରୀ ଯୋଜନା ପ୍ରସ୍ତୁତ ହେଉଥିଲେ ସୁଦ୍ଧା ଲୋକେ ଆଜି ବି ସ୍ୱାସ୍ଥ୍ୟକର ସ୍ୱଚ୍ଛ ପାନୀୟଜଳ ପାଇବାରେ ବିଫଳ ହେଉଛନ୍ତି। ବିକଳ୍ପ ଖୋଜିବାର ସମୟ ଏବେ ଉପନୀତ ବୋଲି ସ୍ୱାଇଁ ମତ ଦେଇଥିଲେ। ଆଗାମୀ ଦିନରେ ଜିଲାରେ ଆଞ୍ଚଳିକ ପାଣି କର୍ମଶାଳା ଅନୁଷ୍ଠିତ ହେବ ଓ ଲୋକେ ସେମାନଙ୍କ ଦାବି ଉପସ୍ଥାପନ କରିବେ। ଜିଲାର ପାଣି ସମସ୍ୟାକୁ ସଙ୍କଳନ କରି ଜିଲାସ୍ତରୀୟ ପାଣି କର୍ମଶାଳାରେ ଚର୍ଚ୍ଚା କରାଯିବ ଓ ପ୍ରକୃତ ପକ୍ଷେ କି କି କାର୍ଯ୍ୟ କରାଯିବ ସେଥିପାଇଁ ପାଣି ବିଶେଷଜ୍ଞମାନଙ୍କ ପାଖରୁ ପରାମର୍ଶ ଲୋଡ଼ାଯିବ ବୋଲି ସଭ୍ୟ ନକୁଳ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ମହାରଣା, ରାଜକିଶୋର ସ୍ୱାଇଁ, ହୃଦାନନ୍ଦ ପ୍ରଧାନ, ଭାସ୍କର ପୂଜାରୀ, ରବୀନ୍ଦ୍ର କୁମାର ବାରିକ, ପୂର୍ଣ୍ଣଚନ୍ଦ୍ର ଦାସ, ପବିତ୍ର କୁମାର୍ କାଣ୍ଡି ପ୍ରମୁଖ ଆଞ୍ଚଳିକ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସଭ୍ୟ ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

**ପାଣି ସଙ୍ଗଠନ ପକ୍ଷରୁ କର୍ମଶାଳା**



ବୈଠକରେ ଉପସ୍ଥିତ ପାଣି ସଙ୍ଗଠନର ସଦସ୍ୟା ସଦସ୍ୟମାନେ ।

# ବିଇଓଙ୍କ ଗୋଟିଏ ଦିନର ଦରମା ବନ୍ଦ ନିର୍ଦ୍ଦେଶ

ଗୋପ,୧୦।୭(ଭାରତୀ ଭୂଷଣ ଉପାଧ୍ୟାୟ)

- ଜନ ଅଭିଯୋଗ ଶୁଣାଣିରେ ଅନୁପସ୍ଥିତ ଥିଲେ
- ଘଣ୍ଟାଏରେ ଛାତ୍ରଙ୍କୁ ମିଳିଲା ସ୍କୁଲ ସାର୍ଟିଫିକେଟ

ଗୋପ ବ୍ଲକ ବୈଠକ ଗୃହରେ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ଅଭାବ ଯୋଗୁ ସାଧାରଣ ଲୋକ ଏହି ଜନ ଶୁଣାଣି ସମ୍ପର୍କରେ ଜାଣିପାରୁ ନାହାନ୍ତି। ଏହି ଜନ ଶୁଣାଣିରେ ମାତ୍ର ୨୩ଟି ଅଭିଯୋଗ ହୋଇଥିବା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମିଥ୍ୟା ବିଲ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ଜମିଜମା ସହିତ ମୃତ୍ତିକା ସଂରକ୍ଷଣ ବିଭାଗରେ ମହାଦୁର୍ନୀତି ଉପରେ ଅଭିଯୋଗ ହୋଇଥିଲା। ଏହିସବୁ ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବ୍ଲକସ୍ତରୀୟ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ଘଣ୍ଟାଏ ମଧ୍ୟରେ ଜଣେ ଛାତ୍ର ତା'ର ସାର୍ଟିଫିକେଟ ପାଇପାରିଥିଲା। ବ୍ଲକ ଅଞ୍ଚଳରେ ରହିଥିବା ଅଧିକାଂଶ ଘରୋଇ ସ୍କୁଲ ସରକାରୀ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରି ଛାତ୍ରୀଛାତ୍ରଙ୍କୁ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ଶୋଷଣ କରୁଛନ୍ତି। ସରକାରୀ ନିୟମ ନ ଥାଇ କେମିତି ଓ କାହା ନିର୍ଦ୍ଦେଶରେ ଏହି ସବୁ ଘରୋଇ ସ୍କୁଲ ଚାଲିଛି ତାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ବଣିଆସାହି ପଞ୍ଚାୟତର ଯାଉଁଳି ପୋଖରୀରେ ଥିବା ଏକ ଘରୋଇ ସ୍କୁଲର ଛାତ୍ର ସ୍ନେହାଶ ସାମନ୍ତରାୟଙ୍କୁ ସାର୍ଟିଫିକେଟ ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଅଧିକ ଅର୍ଥ ଦାବି କରିଥିଲେ। ଏ ନେଇ ଛାତ୍ରଙ୍କ ମା' ରଶ୍ମିତା ସାମନ୍ତରାୟ ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଶେଷରେ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଭବତାରଣ ସାହୁଙ୍କ ନିର୍ଦ୍ଦେଶରେ ଛାତ୍ରଙ୍କୁ ଘଣ୍ଟାଏ ମଧ୍ୟରେ ସ୍କୁଲ କର୍ତ୍ତୃପକ୍ଷ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅପରପକ୍ଷେ ଏହି ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମରେ ଅଧିକାଂଶ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ମଧ ଅନୁପସ୍ଥିତ ରହିଥିଲେ। ଏପରି ଅଭିଯୋଗକୁ ନେଇ ଉପଜିଲାପାଳ ବିଇଓ ସୁଶୀଲ କୁମାର ବ୍ରହ୍ମାଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମଞ୍ଜରୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ତହସିଲଦାର ଭାଗ୍ୟଶ୍ରୀ ହାଁସଦା, ଡିଏସ୍‌ପି ଦେବାଶିଷ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହନୁମନ୍ତିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ

**ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ):** ନାକାଗେଟ୍ ରୋଡ଼ସ୍ଥିତ ହନୁମନ୍ତିଆଠାରେ ହନୁମନ୍ତିଆ ଚାରିଟେବୁଲ ଟ୍ରଷ୍ଟ ଘାଟିକିଆ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ୨୩ ନଂ. ୱାର୍ଡର କର୍ପୋରେଟର କିରଣବାଳା ମାଝୀ, ମନ୍ଦିର ପରିଚାଳନା କମିଟି ସଦସ୍ୟବୃନ୍ଦ ଓ ଘାଟିକିଆ ଗ୍ରାମବାସୀଙ୍କ ପକ୍ଷରୁ ଏକ ସଭା ଆୟୋଜନ କରାଯାଇ ଚାରାରୋପଣ ହୋଇଥିଲା। ଟ୍ରଷ୍ଟର ଚେୟାରମ୍ୟାନ ଦିପକ ନନ୍ଦ, ଘାଟିକିଆ ଗ୍ରାମର କ୍ଷୀରୋଦ ଭୁଜବଳ, ବିପିନ ବିହାରୀ, ଟ୍ରଷ୍ଟର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ସୁରେଶ ମହାପାତ୍ର, ବିଦ୍ୟାଧର ମହାରଣା, ମନୋଜ ଦାସ, ଦେବବ୍ରତ ଧୀର, ଅବିନାଶ ଯେନା, ଅଶୋକ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂର୍ବତନ କର୍ପୋରେଟର ଦିଲୀପ ମାଝୀ ସମସ୍ତ ସଭ୍ୟଙ୍କୁ ଉତ୍ସାହିତ କରି ଏହିପରି ଜନହିତକାରୀ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ।

### ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ପ୍ରତିଯୋଗିତା

**ଭୁବନେଶ୍ୱର,୧୦।୭ (ବନ୍ଦନା ସେଠୀ):** ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବିଭିନ୍ନ ଜିଲାରେ ଏକାଡେମୀ ପକ୍ଷରୁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କନିଷ୍ଠ ବର୍ଗ (ଷଷ୍ଠ ଓ ସପ୍ତମ ଶ୍ରେଣୀ) ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୧୨ଜଣ ଛାତ୍ରୀଛାତ୍ରଙ୍କ ନାମ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଘୋଷଣା କରିଥିଲେ। ଏମାନଙ୍କୁ ୨୫ତାରିଖରେ ଏକାଡେମୀ ସ୍ୱନକ୍ଷତ୍ର ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ ବିଜୟଲକ୍ଷ୍ମୀ ନାୟକ, ସୁବାସ ଶତପଥୀ, ରମେଶ ପାଣି, ବିବେକାନନ୍ଦ ପାଣିଗ୍ରାହୀ, ଦେବାଶିଷ ମହାପାତ୍ର, କେଦାର ପୃଷ୍ଟି, ଦିବାକର ମାନସିଂହ, ନିବେଦିତା ଜେନା, ସୁନାମଣୀ ରାଉତ, ମମତା ବିଶୋଇ, ସଞ୍ଜିତ ପଟ୍ଟନାୟକ ଓ ଲଳିତ ପଟ୍ଟନାୟକ ଯୋଗଦେଇଥିଲେ।

### ୫୨ ୟୁନିଟ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ)-** ବାସନ୍ତୀ ଦୁର୍ଗା ମିନିଟ୍ରକ ମାଲିକ ସଂଘର ୨୩ତମ ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଓ ସଂଘର ମିଳିତ ସହଯୋଗରେ ରସୁଲଗଡ ଦୁର୍ଗାପୂଜା ମଣ୍ଡପଠାରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମିନି ଟ୍ରକ ଓନର୍ସ ଆସୋସିଏଶନ ସମ୍ପାଦକ ସୁଶାନ୍ତ କୁମାର ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ, ଜୀବନ ବିନ୍ଦୁ ସଂଯୋଜକ ଡ. ପ୍ରକାଶ ତ୍ରିପାଠୀ, ରୁଦ୍ର ସାମନ୍ତରାୟ, ଦୁର୍ଗା ସାମନ୍ତରାୟ, ଋଷି ପଟ୍ଟନାୟକ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ସେକ ନୂର୍ ହାସନ, ମିହିର ରାଉତ, ବିପ୍ଳବ ବେହେରା, ସଞ୍ଜୟ ବଳିଆର ସିଂହ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ପ୍ରଧାନ, ସୁଶୀଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୫୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ୧୦୯ କୋଟି ୪୩ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦିତ

## ମୋ ସ୍କୁଲ ଅଭିଯାନର ୪୧ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

**ଭୁବନେଶ୍ୱର,୧୦।୭(ଅନୁରାଧା ମହାରଣା)**




ମୋ ସ୍କୁଲ ଅଭିଯାନ'ର ୪୧ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ସଭାପତିତ୍ୱରେ ବିଭାଗୀୟ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଗତ ଏକମାସ ମଧ୍ୟରେ ୭,୯୪୨ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ ଅଭିଯାନ' ସହ ଯୋଡ଼ି ହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୩୭ କୋଟି ୩୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତ। ବିଭିନ୍ନ ସିଏସଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟର ବିକାଶ ପାଇଁ ମୋ ସ୍କୁଲ ଅଭିଯାନକୁ ୩୧କୋଟି ୫୦ଲକ୍ଷ ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଓ ସିଏସଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୯ କୋଟି ୪୩ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ବର୍ତ୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୯୦ ହଜାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ସ୍କୁଲଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୁରାତନ ଛାତ୍ରୀଛାତ୍ରଙ୍କ ସହାୟତାରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ। ଏଥିସହ ପରବର୍ତ୍ତୀ ସୁରକ୍ଷା ଓ ରକ୍ଷଣାବେକ୍ଷଣ ପୁରାତନ ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଦାୟିତ୍ୱରେ ରହିବ। ଓଡ଼ିଶା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମିଳିତ ସହାୟତାରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ହେବାକୁ ଥିବା 'ସ୍କୁଲ କ୍ଲବ୍'ର ଶିକ୍ଷକ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟାଲୋଚନା ହୋଇଥିଲା। ଉକ୍ତ ବିଦ୍ୟାଳୟଗୁଡିକରେ ୪ଟି କ୍ଲବ୍‌କୁ ଆସନ୍ତା ଅଗଷ୍ଟ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକାରୀ କରିବା ଓ ସମସ୍ତ କ୍ଲବର ୪ଜଣ ଲେଖାଏ ମୋଟ ୧୨୫୬ଜଣ ଶିକ୍ଷକ ପ୍ରଶିକ୍ଷକଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଅଗଷ୍ଟ ୧୦ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି କ୍ରୀଡାଙ୍ଗନ ସ୍କୁଲକ୍ଲବର ଶିକ୍ଷକ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଥିବାବେଳେ ପ୍ରଯୁକ୍ତିବିଦ୍ୟା ଆଧାରିତ କୌଶଳୀ କ୍ଲବର ଶିକ୍ଷକ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖଠାରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି । ଏହା ବ୍ୟତୀତ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମ୍ବନ୍ଧୀୟ ବିଭିନ୍ନ ଆର୍ଥିକ ଓ ପ୍ରଶାସନିକ ନିଷ୍ପତ୍ତି ଏହି ବୈଠକରେ ଗ୍ରହଣ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ନେଇ ଫ୍ୟାଶନ ଶୋ'




**ବାରଙ୍ଗ,୧୦।୭(ଲିଙ୍ଗରାଜ ରାଉତ)**

ନନ୍ଦନକାନନଛକସ୍ଥିତ ଏକ ଘରୋଇ ମଣ୍ଡପରେ ଦିବ୍ୟାଙ୍ଗଙ୍କୁ ନେଇ ଫ୍ୟାଶନ ଶୋ' ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଟାଇମ ଟୁ ସାଇନ ନାମକ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପିଲା ଶୋ'ରେ ଯୋଗଦେଇ ସେମାନଙ୍କ ପ୍ରତିଭା ଦେଖାଇଥିଲେ।

ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଦିବ୍ୟାଙ୍ଗ ମଧ୍ୟ ସାଧାରଣ ଲୋକଙ୍କ ଭଳି ସବୁକ୍ଷେତ୍ରରେ ଭାଗ ନେଇପାରିବେ। ରାଜ୍ୟରେ ଥିବା ଦିବ୍ୟାଙ୍ଗଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଅନ୍ୟ ଉପରେ ନିର୍ଭର ନ କରି ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ। ସେମାନେ ମଧ୍ୟ ବିଭିନ୍ନ ଫ୍ୟାଶନ ଶୋ'ରେ ସାମିଲ ହୋଇପାରିବେ ସେହି ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପ୍ରଥମ କରି ଏଭଳି ଅଭିନବ ପ୍ରୟାସ କରାଯାଇଛି ବୋଲି ଆୟୋଜକ ଲିନା ନନ୍ଦିତା ପରିଡ଼ା କହିଛନ୍ତି। ଏହି ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ନେଇ ଫ୍ୟାଶନ ଶୋ, ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପିଲାଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶ୍ରୀଲିଙ୍ଗରାଜଙ୍କ ପୀଠରେ ପ୍ରଥମ ଜଳଲାଗି


ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଜଳଲାଗି ପାଇଁ କାଉଡିଆମାନେ ପ୍ରଥମ ସୋମବାରରେ ଧାଡ଼ିରେ ମନ୍ଦିରକୁ ପ୍ରବେଶ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର,୧୦।୭ (ସୁବାସ ଚନ୍ଦ୍ର ପ୍ରଧାନ)**

ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଏକାମ୍ର କ୍ଷେତ୍ରର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ୩୦୨୦ଜଣ କାଉଡ଼ିଆ ଜଳଲାଗି କରିଛନ୍ତି। କାଉଡ଼ିଆମାନେ ମନ୍ଦିର ପ୍ରଶାସନ ଠାରୁ ଟିକେଟ କାଟି ଜଳଲାଗି କରିଥିବା ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ଦ୍ୱାରିକା ନାଥ ପତି କହିଛନ୍ତି। ଭୋର ୪ଟାରୁ ଦ୍ୱାର ଫିଟା ଯାଇଥିଲା। ମଙ୍ଗଳ ଆଳତି, ଅବକାଶ କରାଯାଇ ଭୋର ୪ଟା ୧୫ରେ ସାହାଣମେଲା ଅବସରରେ ରାତିରୁ ସିଂହଦ୍ୱାରରେ ଧାଡ଼ିରେ ଛିଡ଼ା ହୋଇଥିବା କାଉଡ଼ିଆମାନେ ଜଳଲାଗି ଆରମ୍ଭ କରିଥିଲେ। ଶକ୍ତିରେ ସିଧାସଳଖ ଜଳଲାଗି ନ କରାଯାଇ ପୂର୍ବବର୍ଷ ଭଳି ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗମ୍ଭୁଜକାର ପାତ୍ରରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ଓଁ ନମଃ ଶିବାୟ ଓ ହର ହର ମହାଦେବ ଧ୍ୱନିରେ କମ୍ପିଥିଲା ଶୈବପୀଠ। ସକାଳ ୯ଟା ୪୩ ସୁଦ୍ଧା ଜଳଲାଗି ସମ୍ପନ୍ନ ହୋଇଥିଲା।

# ଗୁରୁ ସୁଦର୍ଶନ ସାହୁଙ୍କୁ 'ଗୁରୁଦକ୍ଷିଣା ସମ୍ମାନ'

**ଭୁବନେଶ୍ୱର,୧୦।୭(ବନ୍ଦନା ସେଠୀ):** ସାଂସ୍କୃତିକ ଅନୁଷ୍ଠାନ 'କଳାଶ୍ରମ' ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଗୁରୁ ଦକ୍ଷିଣା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଦ୍ମ ବିଭୂଷଣ ଗୁରୁ ସୁଦର୍ଶନ ସାହୁଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ୧୦ହଜାର ଟଙ୍କା, ଉତ୍ତରୀୟ, ପୁଷ୍ପଗୁଚ୍ଛ ଆଦି ଦିଆଯାଇଥିଲା। ସଭାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପି.ଭି. ସାଇରାମ୍ ଓ ସାଥିଙ୍କ ଦ୍ୱାରା ବିଭିନ୍ନ ବାଦ୍ୟ ପରିବେଷଣ କରାଯାଇଥିଲା। ଏହାପରେ ଦୃଷ୍ଟି ଦିବ୍ୟାନୀ ଦେହୁରୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟରେ 'ତୋ ଲାଗି ଗୋପଦାଣ୍ଡ ମନାରେ...', ଶିଳ୍ପୀ ମଧୁସ୍ମିତା ମହାନ୍ତି ଓ ତନିଶା ତନୁଶ୍ରୀଙ୍କ ଯୁଗଳବନ୍ଦୀ ଦର୍ଶକଙ୍କୁ ଆମୋଦିତ କରିଥିଲା। ସେହିପର ନିତ୍ୟାଦର୍ଶନ ଗ୍ରୁପ୍ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ନୃତ୍ୟାଳୟାର ଶିଳ୍ପୀମାନଙ୍କ ଦ୍ୱାରା ଲୋକ ନୃତ୍ୟ ଓ ନୃତ୍ୟମ୍ବଦା ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ସ୍ୱତନ୍ତ୍ର ନିର୍ଦ୍ଦେଶକ ସେଲ୍ ଅଶୋକ ତ୍ରିପାଠୀ ଉପସ୍ଥିତ ଥିଲେ।

**ଆରମ୍ଭ ହେଲା 'ଗୁରୁ ଦକ୍ଷିଣା' ଉତ୍ସବ**

# ପାକ୍ସ ମଜଭୁତକୁ ଗୁରୁତ୍ୱ

**ଭୁବନେଶ୍ୱର,୧୦।୭(ଅଭୟ ଦାଶ):** ଦେଶର କୃଷକ ଓ କୃଷି କ୍ଷେତ୍ରକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ସହିତ କୃଷକ ଉତ୍ପାଦକ ସଂଗଠନ(ଏଫ୍‌ପିଓ)ଗୁଡ଼ିକ ଜରିଆରେ ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ)ଗୁଡ଼ିକୁ ମଜଭୁତ କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। ଏପରିକି ୨୦୨୩ ଜୁଲାଇ ୧୪ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଏକ ଦିନିକିଆ ମେଗା କନ୍‌କ୍ଲେଭକୁ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କନ୍‌କ୍ଲେଭରେ କୃଷକ ଉତ୍ପାଦକ ସଂଗଠନଗୁଡିକ ଜରିଆରେ ପ୍ରାଥମିକ କୃଷି କ୍ରେଡିଟ୍ ସୋସାଇଟିଗୁଡ଼ିକୁ ମଜଭୁତ କରିବାର ବିଭିନ୍ନ ଦିଗ ଓ ଉପାୟ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସାକାର ସେ ସମୃଦ୍ଧି ଏବଂ ଅମିତ ଶାହାଙ୍କ ଉଦ୍ୟମକୁ କାର୍ଯ୍ୟକାରୀ କରିବା ପାଇଁ ନିକଟରେ ସମବାୟ କ୍ଷେତ୍ରର ୧୧୦୦ ନୂତନ ଏଫପିଓ ସଂଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ଏଫପିଓ ଯୋଜନା ଅଧୀନରେ ପ୍ରତ୍ୟେକ ଏଫପିଓଏସକୁ ୩୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଏବଂ ପ୍ରୋତ୍ସାହନ ତଥା ପରିଚାଳନା ପାଇଁ କ୍ଲଷ୍ଟର ଆଧାରିତ ବ୍ୟବସାୟ ସଂଗଠନ(ସିବିବିଓ)ଗୁଡ଼ିକୁ ୨୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଅପରପକ୍ଷରେ ଚାଷକୁ ସ୍ଥାୟୀ କରିବା ଏବଂ ଜୀବିକା ନିର୍ବାହ ତଥା କୃଷି ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ଏଫପିଓଏସଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଉଲ୍ଲେଖଯୋଗ୍ୟ, ଏଫପିଓଏସ କ୍ଷୁଦ୍ର ଏବଂ କ୍ଷୁଦ୍ର କୃଷକ ଉତ୍ପାଦକମାନଙ୍କୁ ଉନ୍ନତ ମୂଲ୍ୟରେ ବଜାରର ପ୍ରବେଶ, ପରିବହନ ମୂଲ୍ୟ ହ୍ରାସ କରିବା ଏବଂ ସାମଗ୍ରିକ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

# ମହିଳା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବୈଷୟିକ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉ

## ସିଫାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

**ବାଲକାଟୀ,୧୦।୭(ମନୋଜ ମଣ୍ଡଳ)**




କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥାରେ ସୋମବାର ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଓଡ଼ିଶା ମିଶନ ଶକ୍ତିର ନିର୍ଦ୍ଦେଶକ ଓ ସିଇଓ ଡ. ଏନ୍ ଥିରୁମାଳା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ପାଇଁ ସିଫାର ସେବା ଅବଦାନକୁ ପ୍ରଶଂସା କରିବା ସହିତ ମହିଳା କୃଷି ଉଦ୍ୟୋଗୀଙ୍କ ନିମନ୍ତେ ସ୍ୱତନ୍ତ୍ର ବୈଷୟିକ ପ୍ରଶିକ୍ଷଣ ବ୍ୟବସ୍ଥା କରିବାକୁ ବୈଜ୍ଞାନିକଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଆନ୍ତଃ ଜଳ ମତ୍ସ୍ୟ ଚାଷ ବିଭାଗର ଉପ ମହାନିର୍ଦ୍ଦେଶକ ବିମଳ ପ୍ରସନ୍ନ ମହାନ୍ତି ଯୋଗଦେଇଥିଲେ। ଜଳଜୀବ ପାଳନ କ୍ଷେତ୍ରରେ ମହିଳାଙ୍କ ପ୍ରତ୍ୟକ୍ଷ ଭାଗୀଦାରି ଫଳରେ ପରିବାରକୁ ଉଚିତ୍ ପୋଷଣ ମିଳିବା ସହ ଅର୍ଥନୈତିକ ଉନ୍ନତି ହୋଇପାରିବ। କୃଷି କ୍ଷେତ୍ରରେ ମହିଳା ଅଧିକ ପ୍ରତିନିଧିତ୍ୱ କରିବା ଉଚିତ୍ ବୋଲି ଡ. ମହାନ୍ତି ପରାମର୍ଶ ଦେଇଥିଲେ। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ ସାହୁ ଉପସ୍ଥିତ ଅତିଥି ଓ ମତ୍ସ୍ୟଚାଷୀଙ୍କୁ ସ୍ୱାଗତ କରିଥିଲେ। ସିଫାରେ ଆର୍ଥିକ ଦୃଷ୍ଟିକୋଣରୁ ଅଧିକ ଲାଭ ପ୍ରଦାନ କରୁଥିବା ମାଛ ଓ ଚିଙ୍ଗୁଡ଼ିର ପ୍ରଜନନ ଏବଂ ଚାଷକୁ ଗୁରୁତ୍ୱ ଦିଆଯାଉଥିବା ନିଜ ଅଭିଭାଷଣରେ ଡ. ସାହୁ କହିଥିଲେ। ପ୍ରକାଶଥାଉ କି ୧୯୫୭ ଜୁଲାଇ ୧୦ରେ ତତ୍କାଳୀନ ଭାରତର ବିଖ୍ୟାତ ମତ୍ସ୍ୟ ବୈଜ୍ଞାନିକ ଡ. କେ ଏଚ୍ ଆଲିକୁନି ଓ ଡ. ଏଚ୍ ଏଲ୍ ଚୌଧୁରୀ କାର୍ପ ମାଛର କୃତ୍ରିମ ପ୍ରଜନନ କରାଇବାରେ ସଫଳ ହୋଇଥିଲେ। ଏହି ସଫଳତାକୁ ସ୍ମରଣୀୟ କରାଇବାକୁ ପ୍ରତିବର୍ଷ ଜୁଲାଇ ୧୦କୁ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଉଛି। ଉତ୍ସବରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ମହିଳା କୃଷକ, ଅଗ୍ରଣୀ କୃଷକ, ଉଦ୍ୟୋଗୀ ଦେଶର ବିଭିନ୍ନ ପ୍ରାନ୍ତରର ମତ୍ସ୍ୟଚାଷୀ ଯୋଗଦେଇଥିଲେ। ସିଫାର ଜ୍ଞାନକୌଶଳକୁ ଉପଯୋଗ କରି ମାଛଚାଷରେ ସଫଳତା ହାସଲ କରିଥିବା ବିଭିନ୍ନ ରାଜ୍ୟର ୧୬ ଚାଷୀଙ୍କୁ ସମ୍ମାନିତ କରାଯିବା ଶହ ୩ଟି ପ୍ରଚାର ପତ୍ରିକା ଉନ୍ମୋଚନ କରାଯାଇଥିଲା। ସିଫାର ପ୍ରଧାନ ବୈଜ୍ଞାନିକ ଡ. ଜି ଏସ୍ ଶାହା ଧନ୍ୟବାଦ ଦେଇଥିଲେ।

# ଗୋ ମାଂସ ଭର୍ତ୍ତି କଣ୍ଟେନର ଜବତ, ୨ ଗିରଫ

**ମଙ୍ଗୁଳି-ଜଗତପୁର, (ମାନସ ସାମଲ)/ଚୌଦ୍ୱାର,୧୦।୭(ଆଶୁତୋଷ ଦାସ)**

ଚୌଦ୍ୱାର ଥାନା ଅଧୀନ ନୁଣ୍ଟିକିରି ଛକ ନିକଟରୁ ସୋମବାର ସକାଳେ ଏକ ଗୋ ମାଂସ ବୋଝେଇ କଣ୍ଟେନରକୁ ପୋଲିସ ଜବତ କରିଛି। ଏହି ଘଟଣାରେ କଣ୍ଟେନର ଚାଳକ ପଶ୍ଚିମବଙ୍ଗ ନର୍ଥ ୨୪ ପ୍ରଗଣା ଜିଲା ଆଟଗରା ଗ୍ରାମର ଅଜିବୁଲ ଇସ୍‌ଲାମ୍(୩୭) ଓ ତାଙ୍କ ସହଯୋଗୀ ନର୍ଥ ୨୪ ପ୍ରଗଣାର ସାଲିପୁରର ମଫିଜୁଲ ସରଦାର(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବଜରଙ୍ଗ ଦଳର କର୍ମୀମାନେ ପ୍ରଥମେ ଅଟକାଇଥିଲେ। ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ଜବତ ଗୋମାଂସକୁ ପୋତାଯାଇଛି। ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନିଆଯିବ।


ଗୁରୁ ଗଙ୍ଗାଧର ପ୍ରଧାନଙ୍କ ୭୫ତମ ଜୟନ୍ତୀ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଗୁରୁ ମୀରା ଦାଶ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# 'ଇଷ୍ଟ ଈଶ୍ୱର', 'ମାଇଁ କ୍ରଲ୍ ଏଥିଏଜମ୍' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୧୦।୭ (ବନ୍ଦନା ସେଠୀ)**



ଆଧୁନିକ ସମାଜ ଏବେ ବିବର୍ତ୍ତନ ମଧ୍ୟରେ ଗତି କରୁଛି। ବୈଜ୍ଞାନିକ ଚିନ୍ତାଧାରା ଓ ବିଶ୍ଳେଷଣ ପଦ୍ଧତି ପ୍ରତ୍ୟେକ ବ୍ୟକ୍ତିର ଧର୍ମ ଓ ଈଶ୍ୱର ବିଶ୍ୱାସକୁ ପ୍ରଭାବିତ କରିବାରେ ଲାଗିଛି। ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଅତ୍ୟନ୍ତ ବୁଡ଼ି ରହିବା ଫଳରେ ଆମେ ଈଶ୍ୱରମନସ୍କ ହେବା ପରିବର୍ତ୍ତେ ଈଶ୍ୱରଙ୍କର ସ୍ଥିତିକୁ ନେଇ ଅନେକ ସମୟରେ ସନ୍ଦେହ ପ୍ରକାଶ କରୁଛୁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସନ୍ତୋଷ କୁମାର ମିଶ୍ରଙ୍କ ରଚିତ କବିତା ସଂକଳନ 'ଇଷ୍ଟ ଈଶ୍ୱର' ଏବଂ 'ମାଇଁ କ୍ରଲ୍ ଏଥିଏଜମ୍' ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଥିଲେ। ଶଲ୍ୟ ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଭୂଷଣ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ସୋଭିଏତ ଦେଶ ପତ୍ରିକାର ପୂର୍ବତନ ସମ୍ପାଦକ ତଥା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଅମରେଶ ପଟ୍ଟନାୟକ ମିଳିତ ଭାବେ ପୁସ୍ତକ ଉନ୍ମୋଚନ କରିଥିଲେ। ପୂର୍ବତନ ଆଇପିଏସ୍ ଅଫିସର ରାଜକିଶୋରେ ଦାଶ, ଶିକ୍ଷାବିତ୍ ଡ. ମନ୍ମଥ କୁଣ୍ଡ, ସ୍ୱାବଲମ୍ବନ ପବ୍ଲିର୍ସର ନିର୍ଦ୍ଦେଶକ ସନ୍ତୋଷ ବାରିକ, ସାମ୍ବାଦିକ ତଥା ଉତ୍କଳ ପ୍ରସଙ୍ଗ ପତ୍ରିକାର ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ସଚିବ ଅରବିନ୍ଦ ମିଶ୍ର, ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ, ପ୍ରଫେସର ପ୍ରଦ୍ୟୁମ୍ନ ଦାସ, ଆକାଶବାଣୀର ପୂର୍ବତନ ଅଧିକାରୀ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସୌଦାମିନୀ ବେହେରା ମଞ୍ଚ ପରିଚାଳନା ଓ ଜଟଣୀ ସାହିତ୍ୟ ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ ଧନ୍ୟବାଦ ଦେଇଥିଲେ।

# ମେଟ୍ରୋ ରେଲ୍‌ର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର,୧୦।୭(ଅଭିଜିତ ଦାସ)/ ବାରଙ୍ଗ (ଲିଙ୍ଗରାଜ ରାଉତ)**

- ଡିଏମ୍‌ଆର୍‌ସି ବିଶେଷଜ୍ଞଙ୍କ ଦ୍ୱାରା ଡିପିଆର୍ ପ୍ରସ୍ତୁତ
- ମାଟି ପରୀକ୍ଷା ଆରମ୍ଭ
- ୮ ହଜାର କୋଟି ଟଙ୍କା ଖର୍ଚ୍ଚ ଆକଳନ

ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ (ଡିଏମ୍‌ଆର୍‌ସି)ର ବିଶେଷଜ୍ଞମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟ ସର୍ଭେ ଆରମ୍ଭ କରିଛନ୍ତି। ତ୍ରିଶୂଳିଆ ଛକରେ ମେଶିନ ଲଗାଇ ମାଟି ପରୀକ୍ଷା କରାଯାଇଛି। ସୂଚନା ଅନୁଯାୟୀ, ଡିଏମ୍‌ଆର୍‌ସି ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ଡିପିଆର୍ (ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତି ଦାୟିତ୍ୱ ନେଇଛି। ଏବେ ଏହି ବିଶେଷଜ୍ଞ ଦଳ ପକ୍ଷରୁ ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ କାମ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ରିଶୁଳିଆରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ପ୍ରତି ୧ କିଲୋମିଟର ଦୂରତାରେ ମୃତ୍ତିକା ପରୀକ୍ଷଣ (ସଏଲ ଟେଷ୍ଟିଂ) କରାଯିବ। ଫଳରେ ମୃତ୍ତିକାର କେଉଁ ସ୍ତରରେ ପଥର ଅଛି ତାହା ଜଣାପଡ଼ିବ। ଅନ୍ୟପକ୍ଷରେ ସଏଲ୍ ବିଅରିଂ କାପାସିଟି କେତେ ଅଛି ତାହା ମାଟି ନମୁନା ପରୀକ୍ଷଣରୁ ସ୍ପଷ୍ଟ ହେବ। ମେଟ୍ରୋର ଅଣ୍ଡରଗ୍ରାଉଣ୍ଡ ପଥ ଲାଗି ଯେଉଁ ପିଲାର୍ (ଖମ୍ବ) ନିର୍ମାଣ କରାଯିବ ତା'ର ଫାଉଣ୍ଡେଶନ ଡିଜାଇନ କିଭଳି ହେବ ସେ ସମ୍ପର୍କିତ ବିବରଣୀ ମୃତ୍ତିକା ପରୀକ୍ଷଣ ଅନୁସନ୍ଧାନ (ସଏଲ ଟେଷ୍ଟିଂ ଇନ୍‌ଭେଷ୍ଟିଗେଶନ୍) ରିପୋର୍ଟରୁ ଜଣାପଡ଼ିବ।

ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଲ୍ ଲାଗି ଡିପିଆର୍ ପ୍ରସ୍ତୁତି ଚାଲିଛି। ଭୁବନେଶ୍ୱରର ଅନ୍ୟ ଅଞ୍ଚଳକୁ ରୁଟ୍ ସହ ଯୋଡ଼ିବା ଏବଂ ଖୋର୍ଦ୍ଧା, ପୁରୀକୁ ଚାଲିବାକୁ ଥିବା ମେଟ୍ରୋ ଲାଗି ସମସ୍ତ ପ୍ଲାନ ଡିଏମ୍‌ଆର୍‌ସି ପ୍ରସ୍ତୁତ କରୁଛି। ବର୍ତ୍ତମାନର ଯୋଜନା ଅନୁଯାୟୀ ବିମାନବନ୍ଦରରୁ ତ୍ରିଶୁଳିଆ ଯାଏ ୨୫ କିମି ଟ୍ରଙ୍କ ରୁଟ୍‌ରେ ୪୫୦ ସ୍ପାନ୍ ତିଆରି କରାଯାଉଛି। ବିମାନବନ୍ଦର, ମାଷ୍ଟରକ୍ୟାଣ୍ଟିନ, ବାଣୀବିହାର, ଜୟଦେବବିହାର, ଚନ୍ଦ୍ରଶେଖରପୁର, ପଟିଆ, ରଘୁନାଥପୁର ଓ ନନ୍ଦନକାନନ ରୁଟ୍ ଦେଇ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଲ୍ ଯାତ୍ରା କରିବ। ପ୍ରତି ୫୦ ମିଟର ଦୂରତାରେ ଗୋଟିଏ ଲେଖାଏ ସ୍ପାନ୍ ନିର୍ମାଣ କରାଯିବ। ଟ୍ରଙ୍କ ରୁଟ୍‌ରେ ପ୍ରାୟ ୮ରୁ ୧୦ଟି ମେଟ୍ରୋ ଷ୍ଟେଶନ ନିର୍ମାଣ ହେବ। ପ୍ରତି ୧ କିମି ମେଟ୍ରୋ ରୁଟ୍ ନିର୍ମାଣ ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ସମସ୍ତ ପ୍ରକଳ୍ପରେ ପ୍ରାୟ ୮ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଆକଳନରୁ ସୂଚନା ମିଳିଛି।